**ସଂକ୍ଷେପରେ**

## ଚୋରି ବାଇକ୍ ଜବତ, ଅଭିଯୁକ୍ତ ଗିରଫ

କୋରାପୁଟ/ନାରାୟଣପାଟଣା,୨୨।୯ (ସ୍ୱ.ପ୍ର/ଡି.ଏନ.ଏ): କୋରାପୁଟ ଜିଲା ନାରାୟଣପାଟଣା ପୋଲିସ ଏକ ଚୋରି ବାଇକ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ବନ୍ଧୁଗାଁ ଥାନା ଅନ୍ତର୍ଗତ ପଣସପଦର ଗ୍ରାମର ଟାସ୍କୁ ତାଡିଙ୍ଗି । କିଛି ଦିନ ତଳେ ନାରାୟଣପାଟଣାର ଟି.ସୁରେଶ କୁମାର ତାଙ୍କର ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ପରେ ପୋଲିସ ଏକ ମାମଲା(ନଂ ୫୫/ ୧୯) ରୁଜୁ କରି ତଦନ୍ତ ଚଳାଇଥିଲା । ପୋଲିସ ଟାସ୍କୁଙ୍କୁ ଗିରଫ କରିବା ସହ ଚୋରି ବାଇକକୁ ଜବତ କରିଛି ।

## ସରକାରୀ ହାଇସ୍କୁଲରେ ମନ୍ତ୍ରିମଣ୍ଡଳ ଗଠିତ

ଜୟପୁର,୨୪।୯(ନି.ପ୍ର.): ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ମନ୍ତ୍ରୀମଣ୍ଡଳ ଗଠିତ ହୋଇଛି । ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ମନ୍ତ୍ରୀମଣ୍ଡଳ ଗଠନ ପାଇଁ ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା । ୧୪ ତାରିଖରେ ନାମାଙ୍କନ ପତ୍ର ଦାଖଲ, ୧୬ରେ ଯାଞ୍ଚ, ୨୦ରେ ମୁଁ କାହିଁକି ପ୍ରାର୍ଥୀ ହୋଇଛି, ୨୧ରେ ଭୋଟ୍ ଗଣନା ଓ ୨୩ରେ ଶପଥ ପାଠ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଭାବେ ପ୍ରଶାନ୍ତ ମାଣ୍ଡି, ଶିକ୍ଷାମନ୍ତ୍ରୀ ପଙ୍କଜ ବେହେରା, ଖାଦ୍ୟମନ୍ତ୍ରୀ ବାସୁଦେବ ଶିଶା, କ୍ରୀଡ଼ାମନ୍ତ୍ରୀ ବାବୁଲା ଖିଲ, ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଖିଲ, ପରିବେଶ ମନ୍ତ୍ରୀ ଭିକି ହାଲବା ଓ ମୀନା ମନ୍ତ୍ରୀ ଭାବେ ସୁଚିତ୍ରା ଜାନୀ ନିର୍ବାଚିତ ହୋଇଥିଲେ । ନିର୍ବାଚନରେ ଜୟ ପ୍ରକାଶ ମିଶ୍ର, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଭାତ ରଥ, ଯଜ୍ଞେଶ୍ୱର ପଣ୍ଡା ସହଯୋଗ କରିଥିଲେ ।

## ୪ ରେ ଜାତୀୟ ଶିଶୁ ଅଧିକାର ଆୟୋଗଙ୍କ କ୍ୟାମ୍ପ କୋର୍ଟ

କୋରାପୁଟ,୨୪।୯(ସ୍ୱ.ପ୍ର): ଆସନ୍ତା ୪ ତାରିଖରେ କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଜାତୀୟ ଶିଶୁ ଅଧିକାର ଆୟୋଗଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହେବ । ମଙ୍ଗଳବାର ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ଶିଶୁ ଅଧିକାର ଆୟୋଗ ସଂଧ୍ୟାବତୀ ପ୍ରଧାନ ଏହି ସୂଚନା ଦେଇଛନ୍ତି । ଏହି କ୍ୟାମ୍ପ କୋର୍ଟରେ ସମାଜର ସମସ୍ତ ବର୍ଗର ଲୋକଙ୍କଠାରୁ ଶିଶୁ ଅଧିକାର ଓ ସୁରକ୍ଷା ପ୍ରସଙ୍ଗରେ ଅଭିଯୋଗର ଶୁଣାଣି କରାଯିବ । ଏଥିରେ ଜିଲାର ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ଉପରେ କାର୍ଯ୍ୟ କରୁଥିବା ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଓ ଜିଲାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ । ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଶିଶୁ ଅଧିକାର ଆୟୋଗର ସଦସ୍ୟ ହରିହର ନାୟକ, ପିଡି ଡିଆରଡିଏ ପ୍ରବୀର ନାୟକ , ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପି. ଟୋଲି ଆକ୍କା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ଉପସ୍ଥିତ ଥିଲେ ।

## ସଡ଼କ ସୁରକ୍ଷା ବାର୍ତ୍ତା ଦେଲା ପୋଲିସ

ବନ୍ଧୁଗାଁ,୨୪।୯(ଡି.ଏନ୍.ଏ.): ବନ୍ଧୁଗାଁ ଥାନା ପକ୍ଷରୁ ଟ୍ରାଫିକ ନିୟମ ପାଇଁ ଲୋକଙ୍କୁ ସଚେତନ କରିବା ଲାଗି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଥାନା ପରିସରରୁ ବନ୍ଧୁଗାଁ, ଆଲମଣ୍ଡା, ବଡ଼ସରପଲ୍ଲି, କୁମ୍ଭାରୀପୁଟ ଓ ନୀଳାବାଡ଼ି ପଞ୍ଚାୟତର ଯୁବକ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ମୁଣ୍ଡରେ ହେଲମେଟ୍ ପିନ୍ଧି ବାଇକ୍ ଶୋଭାଯାତ୍ରାରେ ବାହାରିଥିଲେ । ବଡ଼ସରପଲ୍ଲି ହାଟରେ ବାଇକ ଚାଳକଙ୍କୁ ଅଟକାଇ ହେଲମେଟ୍ ପିନ୍ଧି ଗାଡ଼ି ଚଳାଇବା ପାଇଁ ସଚେତନ କରିଥିଲା ପୋଲିସ । ଥାନା ଅଧିକାରୀ ତପନ କୁମାର ନାହାକ , ହସ୍‌ଗାଦି ଓ ଡି. ଏଙ୍କାଟି, କାମେଶ୍ୱର ରତ୍ନାଲୁ, ବି. ଶ୍ରୀନିବାସ ପଟ୍ଟନାୟକ, ଭି. ତିରୁପତି ରାଓ ଉପସ୍ଥିତ ଥିଲେ ।

## ବଜ୍ରପାତରେ ନାବାଳିକା ମୃତ

ବୋରିଗୁମ୍ମା,୨୪।୯(ଡ଼ି.ଏନ.ଏ): ବୋରିଗୁମ୍ମା ବ୍ଲକ ସାନ ପରିୟା ପଞ୍ଚାୟତର ବୁକୁବନ୍ଧ ଗ୍ରାମରେ ବଜ୍ରପାତରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି । ସେ ହେଲେ ମଦନା ଭତ୍ରା (୧୬) । ସେ ଜମିରେ ଚାଷ କାର୍ଯ୍ୟ କରୁଥିଲେ । ବର୍ଷା ଓ ଘଡଘଡି ହୋଇଥିଲା । ଫଳରେ ବଜ୍ରପାତରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

# ଅନ୍ୟ ପୁରୁଷକୁ ସ୍ୱାମୀ ଦର୍ଶାଇ ମହିଳା ଉଠାଇ ନେଲେ ଋଣ

**ଅଭିନବ ଠକେଇ**


ବ୍ୟାଙ୍କରେ ଦିଆଯାଇଥିବା ନକଲି ଫଟୋ ।


ମାଧବ କଟିଆଙ୍କ ସହ ସ୍ତ୍ରୀ ଫୁଲମତୀ ।

ଜୟପୁର,୨୪।୯(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ଏଚଡିଏଫ୍‌ସି ବ୍ୟାଙ୍କରୁ ଜଣେ ମହିଳା ଅନ୍ୟ ଜଣେ ପୁରୁଷଙ୍କ ଫଟୋ ଲଗାଇ ନିଜର ସ୍ୱାମୀ ପରିଚୟ ଦେଇ ୨୦ ହଜାର ଟଙ୍କା ଋଣ ନେଇ ଫେରାର ହୋଇଯାଇଛନ୍ତି । ଏହିପରି ଏକ ଅଭିନବ ଉପାୟରେ ମହିଳା ଜଣକ ଠକେଇ କରିଛନ୍ତି । ଏ ନେଇ ସମ୍ପୃକ୍ତ ଫଟୋ ଲାଗିଥିବା ବ୍ୟକ୍ତି ଜଣକ ସଦରଥାନା ଥାନାରେ ଅଭିଯୋଗ କରିଛନ୍ତି ।

୨୦୧୭ରେ ଅଜଣା ମହିଳା ଜଣେ ନିଜକୁ ଜୟପୁର ସଦରଥାନାର ପାତ୍ରପୁଟ ଗ୍ରାମର ଫୁଲମତି କଟିଆ ଓ ସ୍ୱାମୀ ମାଧବ କଟିଆଙ୍କ ଯୁଗ୍ମ ଫଟୋ ବ୍ୟାଙ୍କକୁ ପ୍ରଦାନ କରିଥିଲେ । ସମସ୍ତ ନକଲି କାଗଜପତ୍ର ବ୍ୟାଙ୍କକୁ ଦେଇ ଏକ ମହିଳା ଗ୍ରୁପର ସଦସ୍ୟ ଭାବେ ୨୦ ହଜାର ଟଙ୍କା ଋଣ ନେଇଯାଇଥିଲେ । ଦୀର୍ଘ ୨ ବର୍ଷ ପରେ ପ୍ରକୃତ ଫୁଲମତି ମହିଳା ଗ୍ରୁପ ମାଧ୍ୟମରେ ଋଣ ପାଇଁ ଆବେଦନ କରିଥିଲେ । କିନ୍ତୁ ତାଙ୍କ ନାମରେ ପୂର୍ବରୁ ଋଣ ରହିଥିବାରୁ ଆଉ ଦିଆଯାଇ ପାରିବ ନାହିଁ ବୋଲି ବ୍ୟାଙ୍କ କର୍ମଚାରୀ ମନା କରିଥିଲେ । କିନ୍ତୁ ଫୁଲମତି ଏବଂ ତାଙ୍କ ସ୍ୱାମୀ ଏହା ପୂର୍ବରୁ କୌଣସି ଋଣ କାହାଠାରୁ ନେଇ ନ ଥିବା ପ୍ରକାଶ କରିଥିଲେ । ଏନେଇ ଖୋଦ୍‌ତାଲ ହେବା ପରେ ଜଣେ ଅଜଣା ମହିଳା ମାଧବଙ୍କ ସହିତ ଯୁଗ୍ମ ଫଟୋ ପ୍ରଦାନ କରି ବ୍ୟାଙ୍କରୁ ୨୦ ହଜାର ଟଙ୍କା ଋଣ ନେଇଥିବା ଜଣାପଡ଼ିଥିଲା । ବର୍ତ୍ତମାନ ଏହାର ସୁଧ ଓ ମୂଳ ବାବଦକୁ ସମୁଦାୟ ୪୦ ହଜାର ଟଙ୍କା ହୋଇଛି । ତେଣୁ ଏହି ଟଙ୍କା ପରିଶୋଧ ପରେ ତାଙ୍କୁ ପୁନର୍ବାର ଋଣ ମିଳିବ ବୋଲି କହିଥିଲେ । ଏନେଇ ମାଧବ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଉକ୍ତ ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କୁ ଖୋଜା ଚାଲିଥିବା ଅଭିଯୋଗକାରୀ ମାଧବ ପ୍ରକାଶ କରିଛନ୍ତି । ଏହାର ତଦନ୍ତ କରାଗଲେ ସହରର ବିଭିନ୍ନ ବ୍ୟାଙ୍କ ଏବଂ ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଗୁଡିକରେ ଜାଲ ଫଟୋ ଓ କାଗଜପତ୍ର ଦେଇ ବ୍ୟାପକ ଟଙ୍କା ହଡପ ହୋଇଥିବା ଜଣାପଡ଼ିବ ।


ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

## ଯୁବ ରେଡ୍‌କ୍ରସ୍, ଏନ୍‌ଏସ୍‌ଏସ୍‌ର ବିଭିନ୍ନ କାର୍ଯ୍ୟକ୍ରମ

କୋରାପୁଟ, ୨୪।୯(ସ୍ୱ.ପ୍ର)

ଗାନ୍ଧୀଜୀଙ୍କ ୧୫୦ତମ ଜନ୍ମବାର୍ଷିକ ଅବସରରେ କୋରାପୁଟ ସରକାରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା(ଏନଏସଏସ) ପକ୍ଷରୁ ମଙ୍ଗଳବାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଲାଣ୍ଡିଗୁଡା ଗ୍ରାମରେ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡଃ ଶୁଭେନ୍ଦୁ ଶେଖର ପାଢୀ, ଯୁବ ରେଡକ୍ରସ ଆବାହକ ଡଃ ପ୍ରକାଶ କୁମାର ପ୍ରଧାନ, ଜାତୀୟ ସେବା ଯୋଜନା ଅଧିକାରୀ ଡଃ ଶିବରାମ ବଡରଇତ ଯୋଗଦେଇ ସ୍ୱଚ୍ଛତା ହିଁ ବିକାଶର ପରିପନ୍ଥି ବୋଲି ଗ୍ରାମବାସୀଙ୍କୁ ବୁଝାଇଥିଲେ । ଏଥିସହ ଗ୍ରାମରେ ଚତୁଃପାର୍ଶ୍ୱକୁ ସଫେଇ କରିଥିଲେ । ଏହି ଅବସରରେ ଗ୍ରାମରେ ଆୟୋଜିତ ସଚେତନତା ରାଲିରେ ଯୁବ ରେଡକ୍ରସ ଓ ଏନଏସଏସର ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଗ୍ରାମ ପରିକ୍ରମା କରି ଗ୍ରାମବାସୀଙ୍କୁ ସ୍ୱଚ୍ଛତା, ମ୍ୟାଲେରିଆ, ବିଶୁଦ୍ଧ ଜଳ ବ୍ୟବହାର କରିବା, ସଡକ ସୁରକ୍ଷା ଆଦି ବିଷୟରେ ସଚେତନତା କରିଥିଲେ । ସେହିପରି ମହାବିଦ୍ୟାଳୟରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଗାନ୍ଧିଜୀଙ୍କ ଉପରେ ଆଧାରିତ ଚିତ୍ରାଙ୍କନ, ପ୍ରବନ୍ଧମାଳା, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ପାଢୀ ଗାନ୍ଧୀଜୀଙ୍କ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଶିବ ଶଙ୍କର ପଟ୍ଟନାୟକ, ଅଧ୍ୟାପିକା ଅନିତା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

■ ହାଲ୍ ଶ୍ରମିକ ସଂଗଠନର ବୈଠକ

# ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ନିଷ୍ପତ୍ତି

ସୁନାବେଡ଼ା,୨୪।୯(ଡି.ଏନ୍.ଏ.)

'ହାଲ୍'ର ସମସ୍ତ ଶ୍ରମିକ ସଂଗଠନ ଏକ ବୈଠକ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନର ୱାଇ.ଜୋନ୍ ନିକଟସ୍ଥ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ହମ୍‌ସର ସଭାପତି ପ୍ରଦୀପ କୁମାର ବିଶ୍ୱାଳ, ଏଚ୍‌ଏଇଏର ବରିଷ୍ଠ ଶ୍ରମିକ ନେତା ହୃଦାନନ୍ଦ ଚେଟିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଦୀର୍ଘଦିନ ଧରି ବର୍ଦ୍ଧିତ ବେତନ ହାର ନିର୍ଦ୍ଧାରଣ କରିବା ପାଇଁ ଦାବି କରି ଆସୁଛନ୍ତି । ହେଲେ ହାଲ୍ ମ୍ୟାନେଜମେଣ୍ଟ କର୍ଣ୍ଣପାତ ନ କରି ବିଳମ୍ବ କରିଚାଲିଛନ୍ତି । ୯ ଥର ବିଭିନ୍ନ ବିଭାଗରେ ବୈଠକ କରିବା ସତ୍ତ୍ୱେ ଉପଯୁକ୍ତ ବେତନ ହାର ନିର୍ଦ୍ଧାରଣ କରା ନ ଯାଇ ସମଗ୍ର ହାଲ୍‌ର ଶ୍ରମିକ ସମାଜ ପାଇଁ ଏକ ଛଳନା ସାଜିଛି । ଅଧିକାରୀମାନଙ୍କୁ ବର୍ଦ୍ଧିତ ବେତନ ହାରରେ ଫିଟ୍‌ମେଣ୍ଟ ୧୫% ଏବଂ ପର୍କ ୩୫% ପ୍ରଦାନ କରାଯାଇଛି । କିନ୍ତୁ ଶ୍ରମିକମାନଙ୍କୁ ସମାନ ଫିଟ୍‌ମେଣ୍ଟ ୧୫ ପ୍ରତିଶତ ଏବଂ ପର୍କ ୩୫ ପ୍ରତିଶତ ପ୍ରଦାନ କରିବାକୁ ରୋକ୍‌ଠୋକ୍ ମନା କରି ଦେଇଛନ୍ତି ହାଲ କର୍ତ୍ତୃପକ୍ଷ । ନିରୁତ୍ସାହଜନକ ଫିଟ୍‌ନେଟ୍ ଏବଂ ପର୍କ ଅଫର ଯାହାକୁ ସମସ୍ତ ବିଭାଗର ଶ୍ରମିକ ସଂଗଠନ ପ୍ରତ୍ୟାଖାନ କରିଛନ୍ତି । ଉକ୍ତ ଦାବି ନେଇ ଅନିର୍ଦ୍ଦିଷ୍ଟକାଳ ପାଇଁ ଧର୍ମଘଟର ଡାକରା ଦିଆଯାଇଛି । ହାଲ୍ କୋରାପୁଟର ସମସ୍ତ ୩ଟି ଶ୍ରମିକ ସଂଗଠନ ମିଳିତ ଭାବେ ଏହାକୁ ବିରୋଧ କରିବା ସହ ମ୍ୟାନେଜମେଣ୍ଟର ଏଭଳି ଆଭିମୁଖ୍ୟକୁ ନିନ୍ଦା କରିଥିଲେ । ଏହି କ୍ରମରେ ଗତ ୩୦ ତାରିଖରେ ଧର୍ମଘଟ ପାଇଁ ନୋଟିସ୍ ଜାରି କରିବା ସହ ଗତ୧୪ରୁ ଅନିର୍ଦ୍ଦିଷ୍ଟ କାଳ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ । । ସ୍ୱିକୃତୀପ୍ରାପ୍ତ ସଂଗଠନ ବିଏଇୟୁର ଏହି ଆହ୍ୱାନକୁ ଏଚ୍‌ଏଇଏ ସମର୍ଥନ କରି ଶ୍ରମିକସମାଜର ହିତ ପାଇଁ ଶ୍ରମିକ ଏକତା ଜିନ୍ଦାବାଦର ସ୍ଲୋଗାନ ଦେଇ ଆଗାମୀ ଧର୍ମଘଟକୁ ସଫଳ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ବୈଠକରେ ବିଏଇୟୁ ସଭାପତି ଅଶୋକ ଦାସ ଅଧକ୍ଷତା କରିଥିଲେ । ଏହାକୁ ସାଧାରଣ ସମ୍ପାଦକ ଶ୍ରୀନିବାସ ମାଣିକ ପରିଚାଳନା କରିଥିଲେ । ଶେଷରେ ଆଲୋକ ରାୟ ଧନ୍ୟବାଦ ଦେଇଥିଲେ ।

## ରାଷ୍ଟ୍ରୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ

ଜୟପୁର/ ଦଶମନ୍ତପୁରା ଦାମନଯୋଡ଼ି, ୨୪।୯ (ନି.ପ୍ର/ଡ଼ି.ଏନ.ଏ/ ସ୍ୱ.ପ୍ର)

ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟଠାରେ ରାଷ୍ଟ୍ରୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ୫୦ ତମ ପ୍ରତିଷ୍ଠା ଦିବସ ତଥା ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି । ଏନ୍‌ଏସ୍‌ଏସ୍ କାର୍ଯ୍ୟକାରୀ ଅଧିକାରୀ ସିଦ୍ଧାନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ କଲେଜ ଅଧ୍ୟକ୍ଷା ମନୋରମା ଦେବୀ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଆକାଶବାଣୀ ଜୟପୁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜଗଦିଶ ଅଧିକାରୀ ଯୋଗଦେଇ ଏନ୍‌ଏସ୍‌ଏସ୍ ଓ ମହାତ୍ମାଗାନ୍ଧୀଙ୍କ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଏନ୍‌ଏସ୍‌ଏସ୍ ଅଧିକାରୀ ମନୋରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମାମି ବେହେରାଙ୍କ ସମ୍ବଲପୁରୀ ନୃତ୍ୟ, ସୁବର୍ଣ୍ଣା ମାଟାମଙ୍କ ସଚେତନାଧର୍ମୀ ଗୀତ ଏବଂ ବର୍ଷାରାଣୀ ସାହୁ ଓ ସାଥୀଙ୍କ ସହ ପରିବେଷିତ ଟ୍ରାଫିକ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ସମସ୍ତଙ୍କୁ ଭାବ ବିହୋଳ କରିଥିଲା । ଶେଷରେ ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ । ସେହିପରି ଦଶମନ୍ତପୁର ବ୍ଲକରେ ଥିବା ରଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟ ଅଧକ୍ଷ ତ୍ରିନାଥ ପାତିକାଙ୍କ ତତ୍ତ୍ୱାବଧାନରେ ଅଧାପକ ପତିତପାବନ ସେନାପତି ଜାତିୟ ସେବା ଯୋଜନା ସଂଯୋଜକଙ୍କ ସହାୟତାରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟ ବରିଷ୍ଠ ଓଡିଆ ଅଧାପକ ସୁକାନ୍ତ କୁମାର ବାଣୁଆ,ଅଧାପକ ସରୋଜ କୁମାର ଦୁଳ, ଆର୍ତ୍ତତ୍ରାଣ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ମହାପାତ୍ର, ପର୍ଶୁରାମ ସାହୁ ଆଦି ଯୋଗ ଦେଇଥିଲେ । ସେହିପରି ଦାମନଯୋଡ଼ିସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ଏସଏସଏସ ୟୁନିଟ୍ ତରଫରୁ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏଥିରେ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଶୁଭ୍ରାଂଶୁଶେଖର ବାହିନୀପତିଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା । କୃପାସିନ୍ଧୁ ନାୟକ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବନ୍ଦିତା ନନ୍ଦ, ଡ଼. ନରେଶଚନ୍ଦ୍ର ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଚନ୍ଦ୍ରଶେଖର ଦ୍ୱିବେଦୀ ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଦେଇଥିଲେ । ଶେଷରେ ସ୍ୱେଚ୍ଛାସେବୀମାନଙ୍କ ତରଫରୁ ସ୍କୁଲ ପରିସର ସଫା କରାଯାଇଥିଲା ।

## ଏନ୍‌ଏସ୍‌ଏସ୍‌ର ସୁବର୍ଣ୍ଣ ଜୟନ୍ତୀ



ଛାତ୍ରୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।

ସୁନାବେଡ଼ା,୨୪।୯(ଡ଼ି.ଏନ.ଏ)

ସୁନାବେଡ଼ା ମହିଳା ମହାବିଦ୍ୟାଳୟଠାରେ ଜାତୀୟସେବା ଯୋଜନାର ସୁବର୍ଣ୍ଣ ଜୟନ୍ତୀ ଓ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନ ସାଢେ ୯ଟାରେ ମହାବିଦ୍ୟାଳୟରେ ଏକ ସଭା ଆରମ୍ଭ ହୋଇଥିଲା । ପରେ ସ୍ୱେଚ୍ଛାସେବୀମନେ ସ୍ୱଚ୍ଛତା ଓ ପ୍ଲାଷ୍ଟିକ ବର୍ଜନ ଉପରେ ଏକ ଶୋଭାଯାତ୍ରାରେ ବାହାରି ଏନଏସ୍‌ଏସ୍ ପୋଷ୍ୟ ଗ୍ରାମ ଗଞ୍ଜାମ କଲୋନୀ ଦେଇ ହନୁମାନ ମାର୍କେଟ, ବାପୁଜୀ କଲୋନୀ ଦେଇ ମହାବିଦ୍ୟାଳୟକୁ ଫେରିଥିଲେ । ପରବର୍ତ୍ତୀ ସମୟରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ଏଥିରେ ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱସତିକ ଜାମେଦାରଙ୍କ ସହ ଚିତ୍ତରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ, ଗାନ୍ଧୀବାଦ ଉପରେ କହିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଉଷାରାଣୀ ଦାସ ସଭାକୁ ପରିଚାଳନା କରିଥିଲେ । ଅଧ୍ୟାପିକାଅଧ୍ୟାପକ ବାସନ୍ତୀ ପଟ୍ଟନାୟକ, ଡ଼. ବାସୁଦେବ ସାହୁ, ପ୍ରହ୍ଲାଦ ପ୍ରଧାନ, ଲକ୍ଷ୍ମୀପ୍ରିୟା ଚୌଧୁରୀ, ପ୍ରୋଗ୍ରାମ ଅଫିସର ସରିତା ପରିଡ଼ା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଶେଷରେ ୱାଇଆରସି କାଉନସିଲର ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଦେଇଥିଲେ ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି

ପଟ୍ଟାଙ୍ଗି,୨୪।୯(ଡି.ଏନ.ଏ)



ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏମଜିଏନଆରଇଜିଏସ ଏବଂ ବାର୍ଦ୍ଧକ୍ୟ ଭତ୍ତା ନେଇ ବ୍ଲକସ୍ତରୀୟ ଜନ ଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ଲକର ୧୪ଟି ପଞ୍ଚାୟତସ୍ତରରେ ଏମଜିଏନଆରଇଜିଏ ଯୋଜନାରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନେଇ ସାମାଜିକ ସମୀକ୍ଷକ ରଘୁ ରାମ ବାଙ୍କାଙ୍କ ଦ୍ୱାରା ଅଡିଟ ହୋଇଥିଲା । ଏହାର ୪୭ ଟି କାର୍ଯ୍ୟର ରେକର୍ଡ ଏବଂ ଅଭିଯୋଗର ଶୁଣାଣି ଏଠାରେ କରାଯାଇଥିଲା । ଶୁଣାଣିରେ ଜିଲା ସାମାଜିକ ସମୀକ୍ଷକ ଅନିଲ କୁମାର ମହାରଣା ବ୍ଲକସ୍ତରରେ ଏକ କମିଟି ଗଠନ କରାଯାଇ କିପରି ଆସିଥିବା ୪୭ଟି କାର୍ଯ୍ୟକ୍ରମ ଓ ମୃତ୍ୟୁବରଣ କରିଥିବା ୧୭୫ ହିତାଧିକାରୀ କିପରି ବାର୍ଦ୍ଧକ୍ୟ ଭତ୍ତା ପାଇଲେ ସେନେଇ ତଦନ୍ତ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣାକର ପ୍ରଧାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ବ୍ଲକର ରାଲେଗଡା ପଞ୍ଚାୟତ ମେଟାବେରା , ଜାମୁଗୁଡା , କୁରିଆଲପାଡୁ ଓ କର୍ତ୍ତାଲବା ୪ ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲାଭ୍‌ସ ଓଟିଏଲପି ପକ୍ଷରୁ ଏମଜିଏନଆରଇଜିଏସ ଯୋଜନା ମାଧ୍ୟମରେ ୧୧ ଲକ୍ଷ ଟଙ୍କା ବ୍ୟୟରେ ୪ ଟି କୂଅ ନିର୍ମାଣର ଟଙ୍କା ହେରଫେର କରାଯାଇଛି । ଏଥିସହ ଭୁବନେଶ୍ୱରରେ ଥିବା ଏକ ଭେଣ୍ଡରଙ୍କ ନାମରେ ୫୫ ହଜାର ଟଙ୍କା ଆକାଉଣ୍ଟରେ ଡିପୋଜିଟ ହୋଇଥିବା ଜଣାପଡିଛି । ପ୍ରକୃତ ହିତାଧିକାରୀ ନିଜେ ଅର୍ଥ ଖର୍ଚ୍ଚ କରି କୂଅ ନିର୍ମାଣ କରିଥିବା ବେଳେ ଅନୁଦାନ ପାଇବାରୁ ବଞ୍ଚିତ ହୋଇଥିବା ବ୍ଲକ ସାମାଜିକ ସମୀକ୍ଷକ ବାଙ୍କା ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ପେଟ୍ରୁ ପଞ୍ଚାୟତରେ ଅନୁରୂପ ୪ଟି କାର୍ଯ୍ୟ କରାଯାଇ ଜଳବିଭାଜିକା ବିଭାଗ ସମସ୍ତ ଅର୍ଥ ଆତ୍ମସାତ କରିଛି । ଏହାର ଅଡିଟ ସମୟରେ କୌଣସି ରେକର୍ଡ ପତ୍ର ପ୍ରଦାନ କରିବାକୁ ରାଜି ହୋଇ ନ ଥିବା ବାଙ୍କା ପ୍ରକାଶ କରିଥିଲେ । ଉପରୋକ୍ତ ଦୁଇ କାର୍ଯ୍ୟକ୍ରମକୁ ନେଇ ଅଭିଯୋଗ ଉଠାଇଥିବା ଅଭିଯୋଗକାରୀ କାହିଁକି ବୈଠକରେ ଉପସ୍ଥିତ ନାହାନ୍ତି ବୋଲି ସମ୍ଭାଇ ସରପଞ୍ଚ ପିଲକ ଗୁଣ୍ଡା ପ୍ରଶ୍ନ ଉଠାଇଥିଲେ । ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା । ଏଥିରେ ପଞ୍ଚାୟତ ସମିତି ଅଧକ୍ଷ ଜଗତଜ୍ୟୋତି ପାଙ୍ଗି, ଉପାଧ୍ୟକ୍ଷ ପଦ୍ମା ଖରାଙ୍କ ସମେତ ଜିଲା ଏଡିଏମ ଦେବେନ କୁମାର ପ୍ରଧାନ, ଏସଏସଓ ଦିଲୀପ କୁମାର ହିଆଲ, ବିଏସଏସଓ ସୌଦାମିନି ପ୍ରଧାନ, ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର କେସପଟା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଧାର ଲିଙ୍କ୍ ପରେ କମିଲେ ୬୩୪୪ ଚାଷୀ

### ଭୟରେ ପଞ୍ଜୀକରଣ କଲେନି ଚାଷୀଙ୍କ ନାଁରେ ଥିବା ଦଲାଲ

ଜୟପୁର,୨୪।୯(ଡି.ଏନ୍.ଏ.)

ରବି ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀଙ୍କ ପଞ୍ଜିକରଣ ସହ ଆଧାର ଲିଙ୍କ୍ କରିବାକୁ ସରକାରୀ ନିର୍ଦ୍ଦେଶ ପରେ କୋରାପୁଟ ଜିଲାରେ ଗତ ବର୍ଷ ତୁଳନାରେ ୬୩୪୪ ଜଣ କମ୍ ଚାଷୀଙ୍କ ନାମ ପଞ୍ଜିକୃତ ହୋଇଛି । ଚାଷୀଙ୍କ ପଞ୍ଜିକରଣ ଓ ଆଧାରକାର୍ଡର ନକଲ ଦେବା ପାଇଁ ଗତ ୧୭ ତାରିଖ ଅନ୍ତିମ ଦିବସ ଥିଲା । କ୍ରୟକାରୀ ସଂସ୍ଥା ଚାଷୀଙ୍କଠାରୁ ସମସ୍ତ ତଥ୍ୟ ନେବା ପରେ ଗତ ରବିବାର ରାତି ୧୨ଟା ଯାଏ ପଞ୍ଜିକରଣ କରିଛନ୍ତି । ଅନ୍ତିମ ଦିବସ ସୁଦ୍ଧା କୋରାପୁଟ ଜିଲାରେ ୨୬,୮୩୧ ଜଣ ଚାଷୀ ଆଧାରକାର୍ଡ଼ ଲିଙ୍କ୍ ସହ ପଞ୍ଜିକୃତ ହୋଇଛନ୍ତି । ୨୦୧୮ରେ ୩୩,୧୭୫ ଜଣ ଚାଷୀ ପଞ୍ଜିକୃତ ହୋଇଥିଲେ । ସେହି ତୁଳନାରେ ଚଳିତ ବର୍ଷ ୬୩୪୪ ଜଣ କମ୍ ଚାଷୀ ରହିଛନ୍ତି । ଜଣେ ଚାଷୀଙ୍କ ନାମରେ ଏକାଧିକ କ୍ରୟକାରୀ ସଂସ୍ଥା ଓ ଜମି ଦ୍ୱାରା ବେଆଇନ ଭାବେ ଧାନ ବିକ୍ରି ହେଉଥିବା ଧରାଇଛି ଆଧାର ସଂଯୋଗୀକରଣ । ବେଆଇନ ପଞ୍ଜିକରଣ ଧରାପଡ଼ିଯିବା ଭୟରେ ଚାଷୀ ସାଜିଥିବା ଦଲାଲ ନାମ ପଞ୍ଜିକରଣ କରିନାହାନ୍ତି । ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲାରେ ଆସନ୍ତା ରବି ମଣ୍ଡିରେ ୨୦ଟି ଲ୍ୟାମ୍ପ ଓ ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନ କିଣାଯିବ ।

# କାଜୁ ମାଲିକଙ୍କୁ ଲୁଟ୍ ମାମଲାରେ ଆଉ ଜଣେ ଗିରଫ

କୋରାପୁଟ,୨୪।୯(ସ୍ୱ.ପ୍ର)

କାଜୁ ମାଲିକଠାରୁ ୯ ଲକ୍ଷ ୬୦ ହଜାର ଟଙ୍କା ଲୁଟ ଘଟଣାରେ ପୋଲିସ ଆଉ ଜଣଙ୍କୁ ଗିରଫ କରିଛି । ସେ ହେଲେ ଜୟପୁର ଖ୍ରୀଷ୍ଟିଆନପେଟା ଅଞ୍ଚଳର ଦିବ୍ୟ ରଞ୍ଜନ ଟାକ୍ରୀ । ଗତ ଜୁନ ୭ ତାରିଖରେ କୋରାପୁଟର ମସ୍ତିପୁଟ ଛକଠାରେ ଜୟପୁର ଅଞ୍ଚଳର ଏକ କାଜୁ ବେପାରି କାଜୁ କିଣିବା ପାଇଁ କାଶୀପୁର ଅଞ୍ଚଳକୁ ଯାଉଥିଲେ । କୋରାପୁଟ ସଦର ଥାନାର ବାଘ୍ରାଠାରେ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୯ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଥିଲେ । ଏହି ଘଟଣାରେ ପୋଲିସ ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## ଏଫ୍‌ସିଆଇର ତଦନ୍ତ ବେଳେ ଅଭିଯୋଗ ନ କରିବାକୁ ଚାପ

ଜୟପୁର,୨୪।୯(ଡି.ଏନ.ଏ )

କୋରାପୁଟ ଜିଲା ମିଲ ମାଲିକ ସଂଘ ପକ୍ଷରୁ ଗତ ମେରେ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ର ସ୍ଥାନୀୟ ଗୋଦାମରେ ବ୍ୟାପକ ଦୁର୍ନୀତୀ ଏବଂ ଚାଉଳ ପ୍ରଦାନ ବେଳେ ଟଙ୍କା ଦାବି ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏନେଇ ଜିଲାପାଳଙ୍କ ପକ୍ଷରୁ ଏଫସିଆଇର ମୁଖ୍ୟପରିଚାଳକ ନିର୍ଦ୍ଦେଶକ (ସିଏମଡି)ଙ୍କୁ ଅବଗତ କରାଯାଇଥିଲା । ମୁଖ୍ୟ ପରିଚାଳକ ନିର୍ଦ୍ଦେଶକ ଏଫସିଆଇ ଜି.ଏମଙ୍କୁ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଜି.ଏମଙ୍କ ପକ୍ଷରୁ ଜୟପୁରସ୍ଥିତ ଆଞ୍ଚଳିକ ମ୍ୟାନେଜରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି । କିନ୍ତୁ ଏହାର ତଦନ୍ତ ବେଳେ ଲିଖିତ ଅଭିଯୋଗ ଭୁଲ ବୋଲି କହିବା ନେଇ ଜିଲା ମିଲ ମାଲିକ ସଂଘର କିଛି ସଦସ୍ୟ ଉପରେ ଚାପ ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି । ଏଥିନେଇ ମଙ୍ଗଳବାର ସନ୍ଧ୍ୟାରେ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ଏ ସମ୍ପର୍କରେ ଆଲୋଚନା ହୋଇଥିଲେ ସୁଦ୍ଧା କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନାହିଁ । ଏ ନେଇ ଏଫସିଆଇ କ୍ୱାଲିଟି କଣ୍ଟ୍ରୋଲ ମ୍ୟାନେଜର ଏସ.କେ.ବଳିଆର ସିଂଙ୍କୁ ପଚାରିବାରୁ, ଏହି ଅଭିଯୋଗକୁ ସେ ଅସ୍ୱିକାର କରିଛନ୍ତି । ଜିଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗ ମିଥ୍ୟା ଅଟେ । ଏଥିଲାଗି ୨ ଅଧିକାରୀ ସମସ୍ୟାରେ ପଡିବେ ବୋଲି କହିଛନ୍ତି ।

# ଅସ୍ତ୍ରୋପଚାର ନ କରି ଘରକୁ ଫେରିଲେ ରୋଗୀ

ବୈପାରୀଗୁଡା,୨୪।୯ (ଡି.ଏନ୍.ଏ)

**ମିଳିଲାନି ସହାୟତା**


ଡମ୍ବରୁଧର ନାୟକ ।

ଗରିବଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲାଗି ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପ୍ରଣୟନ କରିଛନ୍ତି । କିନ୍ତୁ ଏହି ଯୋଜନା ବୈପାରୀଗୁଡ଼ା ବ୍ଲକରେ ପ୍ରହସନ ପାଲଟିଛି । ଜଣେ ରୋଗୀ ସହାୟତା ପାଇଁ ବାରମ୍ବାର ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଅସ୍ତ୍ରୋପଚାର ନ କରି ଘରକୁ ଫେରି ଯାଇଥିବା ଜଣାଯାଇଛି । ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଗୁଡା ପଞ୍ଚାୟତ ତେନ୍ତୁଳିଗୁଡା ଗ୍ରାମରେ ।

ଉକ୍ତ ଗ୍ରାମର ଆଦିବାସୀ ଯୁବକ ଡମ୍ବରୁଧର ନାୟକ (୩୫) । ଗତ ୨ ତାରିଖରେ ବର୍ଷାରେ ଘର କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ି ଯାଇଥିଲା । ଫଳରେ ତାଙ୍କର ବାମ ଗୋଡ ଭାଙ୍ଗିଯାଇଥିଲା । ପ୍ରଥମେ ତାଙ୍କୁ ଜୟପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ଗୋଡ ଅପରେଶନ ଲାଗି ୧୨ ହଜାର ଟଙ୍କାର ଆବଶ୍ୟକତା ଥିବା ଡ଼ାକ୍ତର କହିଥିଲେ । ପରେ ସମ୍ପୃକ୍ତ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଅଥବା ରେଡକ୍ରସ ଫଣ୍ଡରୁ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ଗତ ୧୧ ତାରିଖରେ ଜିଲାପାଳଙ୍କୁ ପତ୍ର ଲେଖିଥିଲେ । ଡମ୍ବରୁ ମଧ୍ୟ ଜିଲାପାଳଙ୍କ ନିକଟରେ ସହାୟତା ପାଇଁ ଆବେଦନ କରିଥିଲେ । ଏଥିନିମନ୍ତେ ଆୟ ପ୍ରମାଣପତ୍ର ଦାଖଲ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଡମ୍ବରୁଙ୍କୁ କୁହାଯାଇଥିଲା । ତହସିଲଦାରଙ୍କଠାରୁ ବାର୍ଷିକ ଆୟ ୩୦ ହଜାର ଟଙ୍କାର ଆୟ ପ୍ରମାଣପତ୍ର ନେଇ ଗତ ୧୮ ତାରିଖରେ ସେ ଦାଖଲ କରିଥିଲେ । ରାଜସ୍ୱ ନିରିକ୍ଷକଙ୍କ ତଦନ୍ତ ରିପୋର୍ଟ ସହ ସଲଗ୍ନ ତହସିଲଦାରଙ୍କ ଏକ ରେକମେଣ୍ଡ ଲେଟର ଗତ ୨୩ ତାରିଖରେ ଜିଲାପାଳଙ୍କ ଏମରଜେନ୍ସି ବିଭାଗରେ ଦାଖଲ କରିଥିଲେ ସେ । ତେବେ ଉକ୍ତ ସହାୟତା ପାଇବାକୁ ହେଲେ ଏକ ସପ୍ତାହ ଅପେକ୍ଷା କରିବାକୁ ପଡିବ ବୋଲି ଉକ୍ତ ବିଭାଗୀୟ ଅଧିକାରୀ କହିଥିଲେ । ଅନ୍ୟପକ୍ଷରେ ଡମ୍ବରୁଙ୍କ ପରିବାର ଲୋକେ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ସହାୟତା ଆସିବା ପୂର୍ବରୁ ଅସ୍ତ୍ରୋପଚାର କରିବାକୁ ଗୁହାରି କରିଥିଲେ । କିନ୍ତୁ କର୍ତ୍ତୃପକ୍ଷ ମନା କରିଦେଇଥିଲେ । ଅନ୍ୟ କିଛି ଉପାୟ ନ ପାଇ ପରିବାର ଲୋକେ ଡମ୍ବରୁଙ୍କୁ ଘରକୁ ଫେରାଇ ଆଣିଛନ୍ତି । ରୋଜଗାରକ୍ଷମ ବ୍ୟକ୍ତି ଅକର୍ମଣ୍ୟ ହେବା କାରଣରୁ ଡମ୍ବରୁଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି ।

## ସଂକ୍ଷେପରେ

### ୧.୫କୁଇଣ୍ଟାଲ ଗଞ୍ଜେଇ ଜବତ, ୭ ଗିରଫ

ମାଲକାନଗିରି,୨୪।୯ (ଡି.ଏନ୍.ଏ.)- ମାଲକାନଗିରି ଜିଲା ପୋଲିସ ମଙ୍ଗଳବାର ସ୍ଥାନୀୟ ଗୌଡଗୁଡା ଅଞ୍ଚଳରେ ପେଟ୍ରୋଲିଂ ସମୟରେ ଏକ କାରରୁ ପ୍ରାୟ ୧କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି । ଗୌଡଗୁଡା ଦେଇ ଏହା ଛତିଶଗଡକୁ ଚାଲାଣ ହେଉଥିବା ଖବର ପାଇ ପୋଲିସ ପହଞ୍ଚି ଗାଡିକୁ ଅଟକାଇ ତନଖି କରିବା ପରେ ଏଥିରୁ ଗଞ୍ଜେଇ ବାହାରିଥିଲା ବୋଲି ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି। ଗିରଫ ବ୍ୟକ୍ତି ମାନେ ହେଲେ ପଶ୍ଚିମବଙ୍ଗ ରିଙ୍କୁ ସେଖ୍, ସମର୍ଜିତ ଦାସ, ଏବଂ ମାଲକାନଗିରିର ଜଗନ୍ନାଥ ମାଡକାମି ଓ ପ୍ରେମ ଖରା । ସେମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସେହିପରି ମାଥିଲିଠାରେ ମଧ ପୋଲିସ ପେଟ୍ରୋଲିଂ ସମୟରେ ୫୦ କେଜି ଗଞ୍ଜେଇ ଗୋବିନ୍ଦପାଲ୍ଲୀ ଛକଠାରେ ଏକ କାରରୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରା ଯାଇଛି।

### ଗୋଟିଏ ସପ୍ତାହରେ ୪ ସ୍ଥାନରୁ ଚୋରି

ମାଲକାନଗିରି,୨୪।୯ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ଚୋରଙ୍କ ପାର୍ଦୁଭାବ ବୃଦ୍ଧି ପାଇଛି। ଗତ ଏକ ସପ୍ତାହ ମଧରେ ୪ଟି ସ୍ଥାନରୁ ଚୋରି ହୋଲାଣି। ଜୟପୁରିଆଗୁଡା ମୁଖ୍ୟରାସ୍ତା କଡରେ ଥିବା ଏକ ଟ୍ରାକ୍ଟର କମ୍ପାନୀ କାର୍ଯ୍ୟାଳୟ ଆଲମିରା ଭାଙ୍ଗି ୧ ଲ କ୍ଷ ଟଙ୍କା ଚୋରି ହୋଇଛି। ସେହିପରି ଗତ ୨୪ ତାରିଖରେ ୩ଟି ସ୍ଥାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ସାମ୍ଧାୟାଗୁଡାର ଲକ୍ଷ୍ମୀ ନାରାୟଣ ହାଡୱେର ଦୋକାନରେ ମଧ ସଟର ଭାଙ୍ଗି କମ୍ପ୍ୟୁଟର ଏବଂ ନଗଦ ଟଙ୍କା ଚୋରି ହେବା, ପୋଷ୍ଟ ଅଫିସ ସାହିରେ ଜଣକ ଘର କବାଟ ଭାଙ୍ଗି ନଗଦ ଟଙ୍କା ସହ ଓ ଘର ସାମଗ୍ରୀ ଚୋରି ହେବା ଏବଂ ସଦର ମହକୁମାସ୍ଥିତ ମୁଖ୍ୟ ରାସ୍ତାରେ ଥିବା ଜିତ୍ ଫାମିଲି ବଜାରର ସଟର ତାଡି ଚୋରମାନେ ୪ଟି ଏଲ୍ଇଡି ଟିଭି ଏବଂ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏଯାଏ ଚୋରଙ୍କୁ ଧରା ଯାଇ ନ ଥିବାରୁ ସହରବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

### ନାବାଳିକାଙ୍କୁ ବଳାତ୍କାର ନେଇ ଥାନାରେ ଅଭିଯୋଗ

ମାଲକାନଗିରି,୨୪।୯ (ଡି.ଏନ୍.ଏ.)- ମାଲକାନଗିରି ଜିଲ୍ଲା ମାଥିଲି ଥାନାରେ ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ୬ ମାସ ଧରି ପୀଡିତାଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ବଳାତ୍କାର କରୁଥିଲେ। ଫଳରେ ସେ ଗର୍ଭବତୀ ହୋଇଥିଲେ। କାହାକୁ ଜଣାଇଲେ ହତ୍ୟା କରିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ମାଥିଲି ପୋଲିସ ପୋସ୍କୋ ଆଇନ ଦଫା ୩୭୬ରେ ମକଦ୍ଦମା ରୁଜୁ କରି ପୀଡିତାଙ୍କ ଡାକ୍ତରି ମାଇନା ପାଇଁ ପଠାଇଛନ୍ତି। ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଛି।

■ ଟ୍ରାନ୍ସଫର୍ମର କାଢ଼ି ନେଇ ବିଦ୍ୟୁତ୍ ବିଭାଗ ଚୁପ୍

# ବ୍ଲକ କାର୍ଯ୍ୟାଳୟ ଘେରିବେ ଲୋକେ

କୋରୁକୋଣ୍ଡା,୨୪।୯ (ଡ଼ି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ପଞ୍ଚାୟତସ୍ଥିତ ଡୁରୁକାଗୁଡା ଗ୍ରାମରେ ପ୍ରାୟ ୨ମାସରୁ ଉର୍ଦ୍ଧ୍ୱ ହେଲା ଟ୍ରାନ୍ସଫର୍ମର ପୋଡି ବିଦ୍ୟୁତ୍ ସେବା ଅଚଳ ହୋଇପଡିଛି। ୪୫ରୁ ଉର୍ଦ୍ଧ୍ୱ ପରିବାର ଉକ୍ତ ଟ୍ରାନ୍ସଫର୍ମର ଉପରେ ନିର୍ଭର କରୁଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଟାଟା ନାମକ ଏକ କମ୍ପାନୀ ଆନ୍ଧ୍ରର ଜଣେ ଠିକାଦାରଙ୍କୁ ଗ୍ରାମରେ ବିଦ୍ୟୁତ୍କରଣ କାର୍ଯ୍ୟ ଶେଷ କରିବାକୁ ଦେଇଥିଲା। ଏହା ଜାଣିବା ପରେ ଗ୍ରାମବାସୀ ଖୁସି ହୋଇଥିଲେ। ସମ୍ପୃକ୍ତ ଠିକାଦାର ଜଣକ ବିଦ୍ୟୁତ୍କରଣ କାର୍ଯ୍ୟରେ ଗ୍ରାମବାସୀଙ୍କୁ ବିନା ପାରଶ୍ରମିକରେ ନିୟୋଜିତ କରିଥିଲେ। ଗ୍ରାମକୁ ବିଦ୍ୟୁତ୍ ଆସିବ ଏହା ଚିନ୍ତା କରି ଗ୍ରାମବାସୀ ମଧ ମଜୁରି ମାଗି ନ ଥିଲେ। ଠିକାଦାର ଟ୍ରାନ୍ସଫର୍ମର ବସାଇବାର କିଛି ଦିନ ପରେ ଏହା ଅଚଳ ହୋଇପଡିଥିଲା। ନିମ୍ନମାନର ଟ୍ରାନ୍ସଫର୍ମର ବସାଇଥିବାରୁ ଏହା ଅଳ୍ପ ଦିନ ମଧରେ ଅଚଳ ହୋଇପଡିଲାବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଏନେଇ ଟାଟା କମ୍ପାନୀକୁ ଜଣାଇଥିଲେ ମଧ କମ୍ପାନୀ କୌଣସି ପଦକ୍ଷେପ ନେଇ ନ ଥିଲା। ପରେ ଟ୍ରାନ୍ସଫର୍ମରଟି ମରାମତି କରିବା ଲାଗି ବିଦ୍ୟୁତ୍ ବିଭାଗ କର୍ମଚାରୀ ଆସି ଖୋଲି ନେଇଗଲେ। ମାତ୍ର ଏଯାଏ ମରାମତି ହୋଇ ଆସିନାହିଁ। ଶେଷରେ ସେମାନେ ଗତ ୭ରେ ବିଡିଓ ଦାଶରଥି ସରାବୁଙ୍କୁ ଲିଖିତ ଭାବେ ଜଣାଇଥିଲେ। ବିଡିଓ ମଧ କିଛି ଶୁଣିବାକୁ ନାରାଜ। ବିଦ୍ୟୁତ୍ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତିରେ ପିଲାମାନେ ପାଠ ପଢିପାରୁନାହାନ୍ତି। ଏନେଇ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଟ୍ରାନ୍ସଫର୍ମର ନ ବସିଲେ ସେମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

■ ନିମ୍ନମାନର ଟ୍ରାନ୍ସଫର୍ମର ବସାଇଥିଲେ ଠିକାଦାର
■ ପିଲାଙ୍କ ପାଠ ପଢ଼ାରେ ହେଉଛି ସମସ୍ୟା
■ ବିଡିଓଙ୍କୁ ଜଣାଇ ମିଳିଲାନି ସୁଫଳ

## ଖବର ପ୍ରକାଶ ପରେ ବଣ୍ଟା ହେଲା ସ୍ୱାସ୍ଥ୍ୟ ବୀମା କାର୍ଡ

ଧରିତ୍ରୀ ପ୍ରଭାବ

ମାଲକାନଗିରି,୨୪।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ୫୦ ଖବରଦାତାଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡ ପଡି ରହିଥିବା ଖବର ପ୍ରକାଶ ପରେ ମଙ୍ଗଳବାର ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ଖବରଦାତାମାନଙ୍କୁ ଏହି କାର୍ଡ ବିତରଣ କରିଛନ୍ତି। ୪୮ ଜଣ ଖବରଦାତା ଏହି କାର୍ଡ ନେଇଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକ ଉପସ୍ଥିତ ଥିଲେ। ଜିଲାରେ ଗଣମାଧମ ପ୍ରତିନିଧି ମାନଙ୍କ କାର୍ଯ୍ୟକୁ ନାୟକ ପ୍ରଶଂସା କରି ଏହି ବୀମା କାର୍ଡ ୨୦୧୮ର କାର୍ଡ ଆସଥିଲେ ମଧ ଏହା ୨୦୧୯ ପାଇଁ ପଞ୍ଜୀକୃତ ହୋଇଛି। କୌଣସି ଗଣମାଧମ ପ୍ରତିନିଧିଙ୍କ ସ୍ୱାସ୍ଥ୍ୟ ଗତ ସମସ୍ୟା ଉପୁଜିଲେ ଏହି କାର୍ଡ ମାଧମରେ ସେମାନେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରିବେ ବୋଲି ନାୟକ କହିଥିଲେ। ଖବରଦାତାମାନେ ଜିଲା ବାହାରର ଅନ୍ୟ ରାଜ୍ୟର ଖବର ପ୍ରକାଶ ଉପରେ ବିଶେଷ ଧ୍ୟାନ ନ ଦେଇ ଜିଲାର ବିଭିନ୍ନ ସମସ୍ୟା, ବିକାଶ ସମ୍ପର୍କିତ ଖବର ପ୍ରକାଶ କରିବା ଦିଗରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ଚିକିତ୍ସା ସମୟରେ ଯଦି ଆବଶ୍ୟକ ପଡେ ପ୍ରତିନିଧିମାନେ ଆର୍ଥିକ ସହାୟତା ଲାଗି ଆବେଦନ କଲେ ସେମାନଙ୍କୁ ଜିଲା ରେଡକ୍ରସ୍ ପାଣ୍ଠିରୁ ମିଳିବ ବୋଲି ଜିଲାପାଳ କହିଥିଲେ।

## ଭାରିଯାନ ଚାଳକ ଚାନ୍ଦା କରି ରାସ୍ତା ମରାମତି କଲେ

ମାଲକାନଗିରି,୨୪।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାଠାରୁ ଛତିଶଗଡ ସୁକୁମା ଜିଲା ସଦର ମହକୁମାର ଦୂରତା ୨୭ କିଲୋମିଟର । ଏହି ରାସ୍ତା ଦେଇ ଉମରକୋଟ, ଜୟପୁର, ମାଲକାନଗିରି ଦେଇ ଛତିଶଗଡ ଏବଂ ଆନ୍ଧ୍ର ପ୍ରଦେଶର ହାଇଦ୍ରାବାଦ, ଭଦ୍ରାଚଳମ୍, ରାଜମହେନ୍ଦ୍ରୀକୁ ୬ଟି ଶୀତତାପ ନିୟନ୍ତ୍ରିତ ବସ୍ ଯାତାୟାତ କରୁଛି। ଛତିଶଗଡର ରାୟପୁର, ଜଗଦଲପୁରକୁ ମଧ ୪ଟି ବସ୍ ଯାତାୟାତ କରୁଛି। ଆନ୍ଧ୍ର ଏବଂ ଛତିଶଗଡରୁ ମଧ ଦୈନିକ ୫୦ରୁ ଉର୍ଦ୍ଧ୍ୱ ଭାରଯାନ ଉକ୍ତ ରାସ୍ତାରେ ଯାତାୟାତ କରୁଛି। ଏହାବ୍ୟତୀତ କମାଣ୍ଡର, କାର୍, ଅଟୋ ଆଦି ଯାତାୟାତ କରନ୍ତି। ଏହି ରାସ୍ତାର ଟିଟିବେରି ଗ୍ରାମ ନିକଟରେ ରାସ୍ତାରୁ ମେଟାଲ ପିଚୁ ଉଠି ଯାଇ ବଡ ବଡ ଗାତ ହୋଇ ପାଣି ଓ କାଦୁଅରେ ଭର୍ତ୍ତି ହୋଇ ରହିଛି। ଫଳରେ ଗାଡିମୋଟର ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ବସ୍ ଏବଂ ଟ୍ରକ ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସେମାନେ ସ୍ଥାନୀୟ ଲୋକଙ୍କଠାରୁ ଆଥର୍ବକ ସହାୟତା ମାଗି ନିଜେ କିଛି କିଛି କିଛି ଅର୍ଥ ଦେଇ ଗାତ ଏବଂ କାଦୁଅ ରାସ୍ତା ଉପରେ ନିକଟସ୍ଥ ଜଙ୍ଗଲରୁ କାଠ କାଟି ଆଣି ପକାଇ ତାହା ଉପରେ ଗାଡି ନେଉଛନ୍ତି। ରାସ୍ତାର ଏପରି ଅବସ୍ଥା ଯୋଗୁ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ଯାତ୍ରୀ ମାନେ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଛାତ୍ରୀଛାତ୍ରଙ୍କୁ ନେଇ ୩ ବିଭାଗରେ ପ୍ରତିଯୋଗିତା

କୁଡୁମୁଲୁଗୁମ୍ମା, ୨୪।୯ (ଡି.ଏନ୍.ଏ.)

ମାହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ କୁଡୁମୁଲୁଗୁମ୍ମାରେ ଛାତ୍ରୀଛାତ୍ରଙ୍କ ମଧରେ ବ୍ଲକସ୍ତରୀୟ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ଟି ପଞ୍ଚାୟତର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ କୁଇଜ୍, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଉଦ୍ଯାପନୀ ଉତ୍ସବରେ ଏବିଇଓ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ବଳରାମ ପୂଜାରୀ ପରିଚାଳନା କରିଥିଲେ। ଉମାକାନ୍ତ ଦାଶ ସହଯୋଗ କରିଥିଲେ। ୧୧ ପଞ୍ଚାୟତର ସିଆରସିସି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ୩ଟି ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ୩୦ତାରିଖରେ ମାଲକାନଗିରିଠାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ୨ ପଞ୍ଚାୟତରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର

କାଲିମେଲା,୨୪।୯(ଡି.ଏନ.ଏ.)– କାଲିମେଲା ବ୍ଲକ ଅନ୍ତର୍ଗତ ଚିତ୍ରାଙ୍ଗପାଲି ଓ ବଦିଲି ପଞ୍ଚାୟତ କାର୍ଯ୍ୟାଳୟରେ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଚିତ୍ରାଙ୍ଗପାଲିରେ ହୋଇଥିବା ଶିବିରରେ ୩୮ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିବା ବେଳେ ବଦିଲି ପଞ୍ଚାୟତରେ ମୋଟ ୨୩ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିଲା। କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ମୁକ୍ତିକାନ୍ତ ମଲ୍ଲିକ ଓ ଅନ୍ୟ ୨ଜଣ ସହଯୋଗୀ ଡାକ୍ତର ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାମଣୀ ଦଳାଇ, ଏସଏସଏସଓ ପଦ୍ମରଞ୍ଜନ ଦାସ, ଚିତ୍ରାଙ୍ଗପାଲି ସରପଞ୍ଚ ଆରତି ମାଡକାମି, ବଦିଲି ସରପଞ୍ଚ ମୁକେ ପଡିଆମିଙ୍କ ୱାର୍ଡମେମ୍ବର,ଅଙ୍ଗନୱାଡି କର୍ମୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସ୍ୱାଭିମାନ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି,୨୪।୯ (ଡି.ଏନ୍.ଏ.)– କିଛିଦିନର ନୀରବତା ପରେ ପୁଣି ସ୍ୱାଭିମାନ ଅଞ୍ଚଳବାସୀଙ୍କ ଦାବି ଜୋର ଧରିଛି। ରାଜୁ ହନ୍ତାଳ ହତ୍ୟା ଘଟଣା ପରଠାରୁ ଅଶାନ୍ତ ହୋଇ ପଡିଥିବା ଉକ୍ତ ଅଞ୍ଚଳକୁ ବିଭିନ୍ନ ଗଣମାଧମ ପ୍ରତିନିଧିମାନେ ଯାଇ ପହଞ୍ଚୁଛନ୍ତି। ନିକଟରେ ଯାଇଥିବା ଗଣମାଧମ ପ୍ରତିନିଧିଙ୍କୁ ସ୍ୱାଭିମାନ ଅଞ୍ଚଳବାସୀ ଜିଲାପାଳଙ୍କୁପ୍ରଦାନ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ୧୦ଦଫା ସମ୍ବଳିତ ଏହି ଦାବିପତ୍ରରେ ଧୁଳିପୁଟ, ରାଲେଗେଡା, ବଡପଡା, ଗାଜୁଲମାମୁଡି, ଜଡାମ୍ବ, ପଣସପୁଟ, ଅଣ୍ଡ୍ରାପାଲି, ଯନ୍ତ୍ରୀ, ନାକାମାମୁଡି, ପଞ୍ଚାୟତବାସୀ ଉଲ୍ଲେଖ କରିଛନ୍ତି ଯେ, ରାଲେଗେଡା ପଞ୍ଚାୟତ ରାଙ୍ଗିଣିଗୁଡା ଗ୍ରାମର ରାଜୁ ହନ୍ତାଳଙ୍କ ପରିବାରକୁ ନ୍ୟାୟ ଦେବା, ହିତାଲପାଟୁ ଗ୍ରାମର ୨ ମୃତକଙ୍କ ପରିବାର ସହ ଯୋଡାମ୍ବ ପଞ୍ଚାୟତର ଆଲମପାକା ଗ୍ରାମର ବେଣୁ ହନ୍ତାଳ, ନାକାମାମୁଡି ପଞ୍ଚାୟତ ନାରିଙ୍ଗିଝୋଲା ଗ୍ରାମର ବୁଦ୍ରା ମୁଦୁଲିଙ୍କ ପରିବାରକୁ ମଧ ନ୍ୟାୟ ମଳୁ। ଯେକୌଣସି ସମୟରେ ଗ୍ରାମବାସୀଙ୍କୁ ଗିରଫ କରିନେବା ବନ୍ଦ କରାଯାଉ, ବିଚ୍ଛିନ୍ନାଞ୍ଚଳରେ ଥିବା ବିଏସ୍ଏଫ୍ କ୍ୟାମ୍ପ ହଟାଇବା, ହାଟ କିମ୍ବା କୌଣସି କାମରେ ଅନ୍ୟତ୍ର ଯାଉଥିବା ଲୋକଙ୍କୁ ବାଟରୁ ଯବାନମାନେ ଉଠାଇ ନେବା ବନ୍ଦ କରିବା ଲାଗି ଦାବିପତ୍ରରେ କୁହାଯାଇଛି। ଆଗାମୀ ଦୁଇମାସ ମଧରେ ନ୍ୟାୟ ନ ମିଳିଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ସ୍ୱାଭିମାନ ଅଞ୍ଚଳବାସୀ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ରାଜୁ ହନ୍ତାଳଙ୍କ ମୃତ୍ୟୁକୁ ନେଇ ଅଶାନ୍ତ ହୋଇ ପଡିଥିବା ପରିବେଶକୁ ବହୁ କଷ୍ଟରେ ସୁଧାରି ସ୍ୱାଭାବିକ ଅବସ୍ଥା ଫେରାଇ ଆଣିଥିବା ବେଳେ ପୁଣି ସ୍ୱାଭିମାନ ଅଞ୍ଚଳବାସୀଙ୍କ ଜିଲାପାଳଙ୍କୁ ଦାବିପତ୍ର ଦେବା ଘଟଣା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି।




## ଛାତ୍ରୀଙ୍କୁ ଅପହରଣ ନେଇ ଥାନାରେ ମାମଲା

ମାଲକାନଗିରି,୨୪।୯ (ଡି.ଏନ୍.ଏ.)–

ମାଲକାନଗିରି ଜିଲା ଓର୍କେଲ ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଏମ୍.ଭି. ୧୨୨ ଗ୍ରାମର ଅମୃତ ମଣ୍ଡଳ ନାମକ ଜଣେ ଯୁବକ ମଟରସାଇକେଲ ଯୋଗେ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ଏନେଇ ତାଙ୍କ ବାପା ଓର୍କେଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୨ ଗ୍ରାମବାସୀଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,୨୪।୯ (ଡି.ଏନ୍.ଏ.)–

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମା ଜିଲାରେ ମାଓବାଦୀମାନେ ୨ଜଣ ଗ୍ରାମବାସୀଙ୍କୁ ସୂଚନାଦାତା ସନ୍ଦେହରେ ହତ୍ୟା କରିଛନ୍ତି। ସୁକୁମା ଜିଲାର ଡବପାକୋଟା ଗ୍ରାମର ମାଡାବି ଲାଛା ଏବଂ ମାଡାବି ରୋହିତଙ୍କୁ ଏକ ପ୍ରଜାକୋର୍ଟ କରି ମାଓବାଦୀମାନେ ସମସ୍ତଙ୍କ ସମ୍ମୁଖରେ ନିର୍ମମ ଭାବେ ହତ୍ୟା କରିଛନ୍ତି। ଦୁଇଦିନ ପୂର୍ବରୁ ଏମାନଙ୍କୁ ଅପହରଣ କରି ନେଇଥିଲେ। ପୋଲିସ ମୃତଦେହ ଜବତ କରି ଏହାର ତଦନ୍ତ କରୁଛି ବୋଲି ସୁକୁମା ଏସ୍ପି ଓଲଭ ସହ୍ନା କହିଛନ୍ତି।

## ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ ପ୍ରତିଯୋଗିତା

ଖଇରପୁଟ, ୨୪।୯ (ଡି.ଏନ୍.ଏ.)

ଖଇରପୁଟ ବ୍ଲକର କୁମାରପୁଟ ପ୍ରାଥମିକ ବିଦ୍ୟାଳୟଠାରେ ମଙ୍ଗଳବାର ମହାତ୍ମାଗାନ୍ଧୀଙ୍କ ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶଶିଭୂଷଣ ମିଶ୍ର ଏହି ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଭକ୍ତ କରି ସେମାନଙ୍କ ମଧରେ କୁଇଜ୍, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଡ୍ରଇଁରେ କନିଷ୍ଠ ବିଭାଗରୁ ବଳଭଦ୍ର ମୁଦୁଲି, ବରିଷ୍ଠରେ ସୁବାଷ ଦୋରା, ବକ୍ତୃତାରେ କନିଷ୍ଠରେ ଅଙ୍କିତା ପାଙ୍ଗି, ବରିଷ୍ଠରେ ଲକ୍ଷ୍ମୀ ଆଲାଙ୍ଗ ଏବଂ କୁଇଜ୍ରେ କନିଷ୍ଠରେ ସହଦେବ ପାଙ୍ଗି ଓ ବରିଷ୍ଠରେ ଧନୁର୍ଜୟ ପୂଜାରୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅପରାହ୍ନରେ ବ୍ଲକ ଶିକ୍ଷାଧିକାରୀ ଶଶିଭୂଷଣ ମିଶ୍ରଙ୍କ ସହ ଉପଶିକ୍ଷାଧିକାରୀ ଶିବାନୀ ମୁଦୁଲି ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଦେବରାଜ ସେଠୀ, ସୌଭାଗ୍ୟ କୁମାର କାନୁନ୍ଗୋ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସମସ୍ତ ଆଞ୍ଚଳିକ ସାଧନାକର୍ମୀ ଉପସ୍ଥିତ ଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।

-ଲାମାର୍ଟିନ



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ

ଡାବୁଗାଁ, ୨୪।୯ (ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଶିଂସାରି ଫାଣ୍ଡି ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ସୋମବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି । ନାବାଳିକା ଜଣକ ଗତ ୧୫ ଦିନ ତଳେ ଘରୁ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ବିଭିନ୍ନ ଆଡେ ଖୋଜା ଖୋଜି କରିବା ପରେ ମଧ ପାଇନଥିଲେ । ୫ ଦିନ ତଳେ ଚୁରାହାଣ୍ଡିଆଗୁଡା ଗ୍ରାମର ବୈଶାଖୀ ଭତ୍ରା ଆସି ନାବାଳିକାଙ୍କ ପରିବାରକୁ ଖବର ଦେଇଥିଲେ ଯେ ତାଙ୍କ ସ୍ୱାମୀ ଚୟନ ଭତ୍ରା ତମ ଝିଅକୁ ନେଇ ଘରକୁ ଆସିଥିଲେ। ପୁଣି ଝିଅକୁ ନେଇ କେଉଁ ଆଡେ ଚାଲିଯାଇଛନ୍ତି । ଏହାପରେ ନାବାଳିକାଙ୍କ ବାପା ଓ ଗ୍ରାମର କେତେ ଜଣ ଲୋକ ଚୁରାହାଣ୍ଡିଆଗୁଡା ଗ୍ରାମକୁ ଯାଇ ଖୋଜା ଖୋଜି କରିଥିଲେ। ଚୟନ ଭତ୍ରାଙ୍କ ବାପାଙ୍କ ଠାରୁ ଜାଣିବାକୁ ପାଇଥିଲେ ଯେ ନାବାଳିକାଙ୍କୁ ଚୟନ ନେଇ କୋଡିଗାଁ ଥାନା ଅଧୀନ ଜବାଗୁଡା ଗ୍ରାମର ରଘୁନାଥ ଭତ୍ରାଙ୍କ ଘରେ ରଖିଛି । ଏହାପରେ ନାବାଳିକାଙ୍କ ବାପା ଓ ଅନ୍ୟମାନେ ଜବାଗୁଡା ଗ୍ରାମକୁ ଯାଇ ତାଙ୍କ ଝିଅକୁ ଉଦ୍ଧାର କରି ଆଣିଥିଲେ। ସୋମବାର ରାତ୍ରିରେ ନାବାଳିକାଙ୍କ ବାପା ଡାବୁଗାଁ ଥାନାରେ ଚୟନ ଭତ୍ରାଙ୍କ ନାମରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ଥାନାରେ ନଂ ୧୦୫/୧୯ ରେ ଏକ ମାମଲା ରୁଜୁ କରାଯାଇଛି । ଶିଂସାରି ଫାଣ୍ଡି ଅଧିକାରୀ ଠଣ ସୁନ୍ଦର ପ୍ରଧାନ ତଦନ୍ତ କରୁଛନ୍ତି ।

### ଭାଜପାର ବୈଠକ



ଚନ୍ଦାହାଣ୍ଡି,୨୪।୯(ଡି.ଏନ.ଏ): ରାଜ୍ୟ ସରକାର କ୍ରମାଗତ ଭାବେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ନାମରେ କରି ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ପକ୍କା ଘରକୁ ରାଜ୍ୟ ସରକାର ବିଜୁ ପକ୍କା ଘର ଯୋଜନା ହେଉଛି ବୋଲି କହି ଭୁଆଁ ବୁଲାଉଛନ୍ତି। ଏହା ବିରୋଧରେ ଆସନ୍ତା ୨୭ ତାରିଖରେ ରାଜ୍ୟର ସମସ୍ତ ୩୧୪ ବ୍ଲକ ଏବଂ ୨୭ ଏନଏସି ଘେରାଉ କରାଯିବ ବୋଲି ରାଜ୍ୟ ଭାଜପା ପକ୍ଷରୁ ଡାକରା ଦିଆଯାଇଛି। ଏଥିପାଇଁ ମଙ୍ଗଳବାର ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଭାଜପା କାର୍ଯ୍ୟାଳୟଠାରେ ଜିଲା ସଭାପତି ଗୋବିନ୍ଦ କୁମାର ଜୈନଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚନ୍ଦାହାଣ୍ଡି ବ୍ଲକରେ ବିଭିନ୍ନ ଦୁର୍ନୀତି ନେଇ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏଥିପାଇଁ ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁ ମାଝି, ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପ ବାଘ, ଜିଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ମାଝି, ସନତ ଠାକୁର, ମନଧର ଧୁରୁଆ, ଭୁବନେଶ୍ୱର ସାଗର, ମୁକେଶ ସାହୁ, ଶେଷମଲ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଡ଼ାଗଡ଼ରେ ଦଶହରା ପାଇଁ ପ୍ରସ୍ତୁତି ବୈଠକ

ଧୋଡ୍ରା, ୨୪।୯ (ଡି.ଏନ.ଏ.): ଐତିହାସିକ ପର୍ଯ୍ୟଟନସ୍ଥଳୀ ପୋଡାଗଡ ପୀଠରେ ଦଶହରା ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପୋଡାଗଡ ସେବାୟତ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାୟୀ ସଭାପତି ଉଦ୍ଧବ ଚରଣ ନାୟକ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା କୈଳାସ ଚନ୍ଦ୍ର ବେହେରା, ସମ୍ପାଦକ ପୁରୁଷୋତ୍ତମ ଭତ୍ରା, ଦଶରୁ ନାୟକ ଓ କୃଷ୍ଣ ପୂଜାରୀଙ୍କ ସହ ୯୩ଟି ମୌଜାର ଲୋକେ ଉପସ୍ଥିତ ଥିଲେ । ପୋଡାଗଡ ପ୍ରାଚୀନ ନଳବଂଶର ଦେବାଦେବୀଙ୍କ ପୀଠ ହୋଇଥିବାରୁ ଗତ ୫ବର୍ଷ ହେଲା ନବରାତ୍ରି ପୂଜା ଉକ୍ତ ପୋଡାଗଡ ପୀଠରେ ଅନୁଷ୍ଠିତ ହୋଇଆସୁଛି। ପ୍ରାଚୀନ ଦୁର୍ଗାମନ୍ଦିର, ଭଙ୍ଗାରାମ, କଙ୍କାଳୁଣି ଓ ମା' ଦନ୍ତେଶ୍ୱରୀଙ୍କ ପୂଜାର୍ଚ୍ଚନା ସହ ମା ମଙ୍ଗଳାଙ୍କ ମନ୍ଦିରରେ ମଧ ନବରାତ୍ରି ଅଖଣ୍ଡଦୀପ ପ୍ରଜ୍ୱଳନ କରାଯିବ। ଉକ୍ତ ପୂଜା ସ୍ୱତନ୍ତ୍ର ହୋଇଥିବାରୁ ଏହାର ନୀତି ନିର୍ଦ୍ଧାରଣ କମିଟି ଦ୍ୱାରା କରାଯାଇଛି। ଚଳିତମାସ ୨୫ତାରିଖରେ ଗୁରୁଣ୍ଡୁ ଭୈରବଙ୍କ ଠାରେ ପ୍ରାକ୍ ଦଶହରା ଗୁପ୍ତପୂଜା, ୨୭ତାରିଖ ଶୁକ୍ରବାର ରାଜାଙ୍କ ଇଷ୍ଟଦେବୀ ଗାଦିସା, ବାରଭୁଜା, ଚ୍ୟମ୍ବେଶ୍ୱରୀ ଓ ବୀରନାରାୟଣଠାରେ ଗୁପ୍ତ ପୂଜା ଅନୁଷ୍ଠିତ ହେବ । ସେହିପରି ୨୯ତାରିଖରେ ଭଙ୍ଗାରାମ ମନ୍ଦିରଠାରେ ଦୁର୍ଗା, କଙ୍କାଳୁଣି ଓ ମଙ୍ଗଳା ମନ୍ଦିର, ଭୈରବ, ଚାଉଁରିଆ ମନ୍ଦିରରେ ଅଖଣ୍ଡ ଦୀପ ୯ଦିନ ଧରି ଜଳିବା ସହ ଦଶହରା ପୂଜା ଅନୁଷ୍ଠିତ ହେବ । ଉକ୍ତ ଉତ୍ସବକୁ ପରିଚାଳନା ନିମନ୍ତେ ୯୩ଟି ମୌଜାର ପ୍ରତ୍ୟେକ ଗ୍ରାମପଞ୍ଚାୟତରୁ ଜଣେ ଲେଖାଏଁ ସଂଯୋଜକ ଚୟନ କରାଯାଇଛି । ଉକ୍ତ ଐତିହାସିକ ପୀଠରେ ଯେପରି ଶାନ୍ତିଶୃଙ୍ଖଳା ସହକାରେ ପୂଜାର୍ଚ୍ଚନା ହେବ ସେଥିନେଇ ବୈଠକରେ ବିଭିନ୍ନ ଆଲୋଚନା କରାଯାଇଥିଲା।

# ଜଙ୍ଗଲ ଜମିରେ ବୃଦ୍ଧି ପାଉଛି ମକାଚାଷ

ନବରଙ୍ଗପୁର,୨୪।୯(ବି.ପ୍ର.)

■ରାଇଘର ଓ ଝରିଗାଁ ବ୍ଲକରେ ର୍‍ୟାକେଟ ସକ୍ରିୟ
■ଫାଇଦା ଉଠାଉଛନ୍ତି ଜଙ୍ଗଲ ଓ ରାଜସ୍ୱ ବିଭାଗର କେତେ ଜଣ କର୍ମଚାରୀ
■ଗରିବଙ୍କୁ ଢାଲ କରି ବ୍ୟବସାୟୀ ଫାଇଦା ନେଉଛନ୍ତି

ଜିଲାରେ କମୁଛି ଜଙ୍ଗଲ । ବଢୁଛି ଜଙ୍ଗଲ ଜମିରେ ମକା ଚାଷ । ଏହା ପଛରେ ରହିଛି ର୍‍ୟାକେଟ । ଇଂରେଜଙ୍କ ଭଳି କିଛି ଅର୍ଥ ଖଟାଇ ଲୋଭ ଦେଖାଇବା ଓ ପରେ ଲଗାନ୍ ଆଦାୟ କରିବା ଭଳି ଏହା ଚାଲିଛି । ସାହୁକାର, ବ୍ୟବସାୟୀ ଓ କିଛି ରାଜନେତାଙ୍କ ସମ୍ପୃକ୍ତି ରହିଥିବା ସୂଚନା ମିଳୁଛି । ଗାଁ ଓ ଜଙ୍ଗଲ ମୁଲକରେ ରହି ଆସୁଥିବା ଗରିବଙ୍କ ସହଯୋଗରେ କେତେ ଜଣ ଲୋକ ଏହାର ଭରପୁର ଫାଇଦା ନେବାରେ ଲାଗିଛନ୍ତି । ଛୋଟ ଚାଷୀଙ୍କୁ ହାତ କରି ସେମାନଙ୍କୁ ବିହନ, ସାର ଓ ପୁଞ୍ଜି ଯୋଗାଇ ମକା ଚାଷ ବ୍ୟବସାୟୀ କରାଇ ଆସୁଛନ୍ତି । ଅମଳର ସିଂହ ଭାଗ ବ୍ୟବସାୟୀ ଓ ସାହୁକାର ହାତକୁଚାଲିଯାଉଛି। ମକା ଏକଅର୍ଥକାରୀ ଫସଲ ଓ ଅଧିକ ପାଣିର ଆବଶ୍ୟକ ପଡୁନଥିବାରୁ ଚାଷୀ ଏହାକୁ ଏକ ଉତ୍ତମ ଚାଷ ଭାବେ ଗ୍ରହଣ କରି ଆସୁଛି। ସେଥିପାଇଁ ଜିଲାର ରାଇଘର ଓ ଝରିଗାଁ ବ୍ଲକରେ ଜଙ୍ଗଲ ଜମିରେ ଅଧିକ ମକା ଚାଷ ହୋଇ ଆସୁଛି । ଜଙ୍ଗଲ ଜମିରେ ଚାଷ କରିବାକୁ ବିଭାଗ ବାରଣ କରୁଛି। ତେବେ ଅଧିକାରୀଙ୍କ ନିର୍ଦ୍ଦେଶକୁ କିଛି କର୍ମଚାରୀ ଖିଲାପ କରି ଚାଲିଛନ୍ତି। ଜଙ୍ଗଲ ଓ ରାଜସ୍ୱ ବିଭାଗର କେତେକ କର୍ମଚାରୀ ମଧ ଜଙ୍ଗଲ ଜମିରେ ମକା ଚାଷ ନାଁରେ ବହୁଗୁଣା ଫାଇଦା ଉଠାଇବାରେ ଲାଗିଛନ୍ତି । ଜଙ୍ଗଲ ଜମିରେ ଚାଷ କରିବା ପାଇଁ କେତେକ କର୍ମଚାରୀ ଫସଲ ପିଛା ପକେଟ ଗରମ କରୁଛନ୍ତି । ଏନେଇ ଚାଷ ବାସ ଆରମ୍ଭ ହେଲେ କେତେକ ରାଜସ୍ୱ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ମୁଣା(ବ୍ୟାଗ) ଓଜନ ହୋଇ ଯାଉଛି । ବ୍ୟାଗକୁ ଓଜନ କରିବା ପାଇଁ ସାହୁକାର ଓ କେତେକ ରାଜନୈତିକ ବ୍ୟକ୍ତି ବିଶେଷ ରହିଛନ୍ତି । ଜଙ୍ଗଲ ଜମିରେ ମକା ଚାଷ ଓ ଦଖଲ କରି ଆସିଥିବା ବ୍ୟକ୍ତି ବିଶେଷ ଉକ୍ତ ଅଞ୍ଚଳର ପୁଞ୍ଜି ଖଟାଉଥିବା ବ୍ୟବସାୟୀ ଓ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ସହ ସମନ୍ୱୟ ରଖିଲେ ଭଲ ନଚେତ ଅନ୍ୟ ଏକ ଗୋଷ୍ଠୀଙ୍କୁ ଲଗାଇ ଦଖଲ କରିଥିବା ବ୍ୟକ୍ତିଙ୍କ ଜମିରେ ଚାଷ କରାଇ ବିବାଦ ସୃଷ୍ଟି କରାଉଛନ୍ତି । ନବରଙ୍ଗପୁର ଜିଲାରେ ଜଙ୍ଗଲ ଜମିକୁ ନେଇ ବିବାଦ ଘଟଣା କିଛି ନୂଆ ନୁହେଁ । ଅଭିଯୋଗ ମଧ ହୋଇ ଆସୁଛି । ଜଙ୍ଗଲ ଜମି ଦଖଲକୁ ନେଇ ଗାଁ ଗାଁ ମଧରେ ତିକ୍ତତା ଓ ଗଣ୍ଡଗୋଳ ମଧ ହୋଇ ଥାନା ପର୍ଯ୍ୟନ୍ତ ଯାଇଛି । ଅନେକ ଆହତ ମଧ ହୋଇଥିବା ନଜିର ରହିଛି । ଜଙ୍ଗଲ ଜମିରେ ମକା ଚାଷ ଘଟଣାକୁ ନେଇ ପ୍ରକୃତ ତଦନ୍ତ କଲେ ଜଣାପଡିବ। ଜଙ୍ଗଲ କ୍ଷୟ ଓ ଜଙ୍ଗଲ ଜମିରେ ମକା ଚାଷ କିଭଳି ବୃଦ୍ଧି ପାଇଛି । ଏନେଇ ରାଜ୍ୟ ସରକାର ଏବେଠୁଁ ଜଙ୍ଗଲ କ୍ଷୟ ଜଙ୍ଗଲ ଜମିରେ ମକା ଚାଷ ପ୍ରତି ଦୃଷ୍ଟି ନଦିଅନ୍ତି ତେବେ ଜିଲାରେ ରହିଥିବା ପ୍ରାକୃତିକ ଜଙ୍ଗଲ ନିଶ୍ଚିହ୍ନ ହୋଇଯିବ ସେଥିରେ ଦ୍ୱିମତ ନାହିଁ ।



ରାଇଘର ଜଙ୍ଗଲ ଭିତରେ ମକା ଚାଷ କରାଯାଇଛି ।

# ପାନ୍ କାର୍ଡ କରାଇଦେବାକୁ କହି ୧ ଲକ୍ଷ ଟଙ୍କା ଠକେଇ

ଡାବୁଗାଁ, ୨୪।୯ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ କାମତା ଗ୍ରାମରେ ପାନ୍ କାର୍ଡ କରାଇଦେବେ କହି ୧ ଲକ୍ଷ ଟଙ୍କା ଠକି ନେଇଥିବା ସୋମବାର ରାତିରେ ଅଭିଯୋଗ ହୋଇଛି । ଡାବୁଗାଁ ଥାନା ଅଧୀନ ନାଗଯୋଡି ଗ୍ରାମର ଉପେନ୍ଦ୍ର ପନକା (୧୬) ଓ ଚଚରାଗୁଡା ଗ୍ରାମର ହାଡିପା ପନକା (୧୯) ପ୍ରାୟ ୮ ଦିନ ତଳେ କାମତା ଗ୍ରାମକୁ ଯାଇ ଆଧାର କାର୍ଡରେ କିଛି କାମ ହେଉନାହିଁ । ପାନ କାର୍ଡ କଲେ ସବୁ କାମରେ ଆସୁଛି। ପାନ କାର୍ଡ କରିଦେବୁ କହି ଏକ ବାୟୋମେଟ୍ରିକ ମେସିନରେ ପ୍ରାୟ ୧୦୦ ଜଣଙ୍କ ଟିପ ଚିହ୍ନ ନେଇଥିଲେ । ଏହାପରେ ଜଣାପଡିଥିଲା ଯେ ଉକ୍ତ ୨ ଯୁବକ ଟିପ ଚିହ୍ନ ନେଇ ୧୦୦ ଜଣଙ୍କ ଆକାଉଣ୍ଟରୁ ପ୍ରାୟ ୧ ଲକ୍ଷ ଟଙ୍କା ଉଠାଇ ନେଇଛନ୍ତି। ଏହାପରେ ୨୦ ତାରିଖରେ ଗ୍ରାମବାସୀ ଉକ୍ତ ୨ ଯୁବକଙ୍କୁ ଅଟକ ରଖିବା ସହ ଏକ ବାଇକ, ୨ଟି ମୋବାଇଲ ଓ ଏକ ବାୟୋମେଟ୍ରିକ ମେସିନ ଜବତ ରଖିଥିଲେ । ଟଙ୍କା ଫେରାଇବାକୁ ୨ ଦିନ ସମୟ ସେମାନଙ୍କୁ ଦେଇଥିଲେ । କିନ୍ତୁ ଯୁବକ ମାନେ ଆଉ ଗ୍ରାମକୁ ଆସି ନଥିଲେ । ସୋମବାର ରାତିରେ ଗ୍ରାମବାସୀଙ୍କ ସହ ୱାର୍ଡ ସଭ୍ୟ ମନବୋଧ ଭତ୍ରା ଡାବୁଗାଁ ଆସି ଉକ୍ତ ୨ ଯୁବକଙ୍କ ନାମରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନାରେ ନଂ ୧୦୪/୧୯ ରେ ଏକ ମାମଲା ରୁଜୁ କରାଯାଇଛି । ମୋଟରସାଇକେଲ, ମୋବାଇଲ ଓ ବାୟୋମେଟ୍ରିକ ମେସିନକୁ ଗ୍ରାମବାସୀ ପୋଲିସକୁ ହସ୍ତାନ୍ତର କରିଛନ୍ତି । ଉପେନ୍ଦ୍ର ଓ ହାଡିପା ଫେରାର ଅଛନ୍ତି ଓ ତଦନ୍ତ ଚାଲିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ୧୬ କେଜି ଗଞ୍ଜେଇ ଜବତ, ୨ ଗିରଫ

ଚନ୍ଦାହାଣ୍ଡି,୨୪।୯(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନସ୍ଥ ପୂଜାରିଗୁଡା ଗ୍ରାମର ୨ ଜଣ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଛତିଶଗଡ ପୋଲିସ ଗିରଫ କରିଛି। ପୂଜାରିଗୁଡା ଗ୍ରାମର ଅଭିମନ୍ୟୁ ମାଝି (୨୬) ଏବଂ ଚୈତନ୍ୟ ସୋମବାର ୨ଟି ବାଇକରେ ୧୬ କେଜି ୧୦୦ ଗ୍ରାମ ଗଞ୍ଜେଇ ନେଇ ଛତିଶଗଡ ରାଇପୁରକୁ ଯାଉଥିଲେ। ଖବର ପାଇ ଦେଓଭୋଗ ପୋଲିସର ଏକ ଟିମ ଧୁରୁଆପଡଠାରେ ଉଭୟଙ୍କୁ ଅଟକ ରଖି ଯାଞ୍ଚ କରିଥିଲେ। ଉଭୟଙ୍କ ପାଖରୁ ୧୬ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଦେଓଭୋଗ ଥାନା ଅଧିକାରୀ ସତେନ୍ଦ୍ର ଶ୍ୟାମ ସିଂଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ନରେନ୍ଦ୍ର ସାହୁ, ଚୁଡାମଣି ସିପାହୀ, ଲକ୍ଷ୍ମର ଚନ୍ଦ୍ରବଂଶୀ ସିପାହୀ ସାମିଲ ଥିଲେ।




ଗଞ୍ଜେଇ ସହ ଗିରଫ ଦୁଇ ଅଭିଯୁକ୍ତ ।

### ବୃଦ୍ଧଙ୍କ ଆତ୍ମହତ୍ୟା

ଚନ୍ଦାହାଣ୍ଡି, ୨୪।୯(ଡି.ଏନ.ଏ)

ଚନ୍ଦାହାଣ୍ଡି ଥାନା ଅଧୀନସ୍ଥ ଦଳବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅଣ୍ଟିପଡା ଗ୍ରାମର ବୁଟଲି ମାଝି (୬୦) ମଙ୍ଗଳବାର ଭୋରୁ ଗ୍ରାମ ନିକଟସ୍ଥ ଏକ ମହୁଲ ଗଛରେ ନିଜ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ତାଙ୍କ ସ୍ତ୍ରୀ କଇଁତି ମାଝି ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଚନ୍ଦାହାଣ୍ଡି ଥାନା ଏସଆଇ ତରଣୀସେନ ନାୟକ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଚନ୍ଦାହାଣ୍ଡି ଥାନାରେ ନଂ ୯/୧୯ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ତଦନ୍ତ ଅଧିକାରୀ ଟି.ଏସ. ନାୟକ କହିଛନ୍ତି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଦିବ୍ୟାଙ୍ଗଙ୍କୁ ପ୍ରଦାନ କରାଯାଇଥିବା ଟ୍ରାଇ ସାଇକେଲ୍ ।

କୋଷାଗୁମୁଡ଼ା,୨୪।୯(ଡି.ଏନ୍.ଏ.):

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ହୋଇଥିଲା । ମୋଟ ୪୯ଟି ଅଭିଯୋଗ ଶୁଣାଣି କରାଯାଇଥିଲା। କୋଷାଗୁମୁଡ଼ାଠାରେ ୧୬ଟି ଏବଂ ନବରଙ୍ଗପୁର କାର୍ଯ୍ୟାଳୟରେ ୩୩ଟି ଅଭିଯୋଗ ହୋଇଥିଲା । ସେଥିମଧ୍ୟରେ ରାସ୍ତା ମରାମତି, ଜମିବାଡି ମାମଲା, କୋଷାଗୁମୁଡ଼ାଠାରେ ଆର୍‌ଟିଓ କ୍ୟାମ୍ପ, ଇନ୍ଦିରାଆବାସ ଯୋଜନା, ପେନ୍‌ସନ ଏବଂ ବ୍ୟକ୍ତିଗତ ମାମଲା ସବୁ ଅଭିଯୋଗ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲାପାଳ ଅଜିତ୍ କୁମାର ମିଶ୍ର, ଏସ୍‌ପି, ଉପଜିଲାପାଳ, ଜିଲା ମତ୍ସ୍ୟ ଅଧିକାରୀ, , ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ପିଡି ଡିଆରଡିଏ, ଜିଲା କୃଷି ଅଧିକାରୀ, ଆର୍‌ଡି, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଏବଂ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ଶେଷରେ ଡିଏସ୍‌ଏସ୍‌ଓଙ୍କ ଦ୍ୱାରା ୧୧ ଜଣଙ୍କୁ ମଧୁବାବୁ ପେନ୍‌ସନ ଏବଂ ୨ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ଦିଆଯାଇଥିଲା । ଜିଲାପାଳ ମନେଇଗାଁ ପଞ୍ଚାୟତକୁ ଯାଇ ସମୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଗୀତାମଣି ସମରଥ, ଉପାଧକ୍ଷ ପଦମ ସାଏ ମାଳି, ଜିଲାପରିଷଦ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ ।

# ଜାତୀୟ ସେବା ଦିବସରେ ସଚେତନତା ଶୋଭାଯାତ୍ରା

ନବରଙ୍ଗପୁର,୨୪।୯ (ବି.ପ୍ର.)

ନବରଙ୍ଗପୁର ଯୁକ୍ତ ତିନି ମହିଳା ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଦିବସର ସ୍ୱର୍ଣ୍ଣ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯୁବ ରେଡକ୍ରସ ଓ ଏନଏସଏସ ପକ୍ଷରୁ ଛାତ୍ରୀମାନେ ମହାବିଦ୍ୟାଳୟ ପରିସର ସଫେଇ କରିଥିଲେ । ପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଷ୍ଟେଟବ୍ୟାଙ୍କ ଚିଫ ମ୍ୟାନେଜର ରାଜୀବ ଜେନା, ନୋଡାଲ ଅଧିକାରୀ ରଶ୍ମି ରଞ୍ଜନ ରାଉତ, ଡିଜିଟାଲ ବ୍ୟାଙ୍କିଙ୍ଗ ଅଫିସର ଏସ. ଲୋହିତା, ମହାବିଦ୍ୟାଳୟର ଅଧକ୍ଷା ମାଲେଶ୍ୱରୀ ସାହୁ, ଅଧ୍ୟାପିକ ଡଃ. ସଂଯୁକ୍ତା ପଣ୍ଡା, ରଞ୍ଜୁଷା ପ୍ରହରାଜ, ଏମ. ରୋହିନୀ ରାନୀ, ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ସିଦ୍ଧାର୍ଥ ବେହେରା, ତ୍ରିପତି ମାଳି, ତାଇରା ବେଗମ, ସୁନିତା ପାତ୍ର ପ୍ରମୁଖ ଉପସ୍ଥିତ ରହି ଏନଏସଏସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଭୁବନ ନାୟକ, ପଙ୍କଜ କୁମାର ଗରଡା ପ୍ରମୁଖ ସହଯୋଗ କରିଥିଲେ ।




ଛାତ୍ରୀ ଓ ଅଧ୍ୟାପିକାମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି ।

### ମା' କନକଦୁର୍ଗାଙ୍କ ଷୋଡ଼ଶ ପୂଜା ଆରମ୍ଭ

ଗୁଣପୁର,୨୪।୯(ଡି.ଏନ୍.ଏ)

ଗୁଣପୁର ଜଗନ୍ନାଥ ମନ୍ଦିରରେ ଥିବା ମା'କନକଦୁର୍ଗାଙ୍କ ଷୋଡଶ ପୂଜା ଶନିବାର ରାତିରୁ ଆରମ୍ଭ ହୋଇଛି। ଜଗନ୍ନାଥ ମନ୍ଦିରରେ ଥିବା ମା'ଙ୍କୁ ଆସ୍ଥାନରୁ ଓହ୍ଲାଇ ଜଳାଭିଷେକ କରାଯିବା ସହ ପୂଜାର୍ଚ୍ଚନା କରାଯାଇଥିଲା ।ଏହାପରେ ମା'ଙ୍କୁ ତାଙ୍କ ମୂଳ ପୀଠ ମନ୍ଦିରକୁ ନିଆଯାଇଥିଲା। ସେଠାରେ ମା' ୧୬ ଦିନ ବ୍ୟାପି ପୂଜା ପାଇବେ। ପରେ ମା' ଜଗନ୍ନାଥ ମନ୍ଦିରକୁ ବିଜେ କରିବେ। ମହାଷ୍ଟମି ପର୍ଯ୍ୟନ୍ତ ମା' ତାଙ୍କ ପୀଠରେ ପୂଜା ପାଇଥାନ୍ତି। ଦଶମୀ ଦିନ ମା' ଜଗନ୍ନାଥ ମନ୍ଦିରକୁ ଫେରି ଆସନ୍ତି। ବର୍ଷରେ ଦୁଇଥର ମା' ତାଙ୍କ ମୂଳ ପୀଠକୁ ଆସିଥାନ୍ତି। ଅନ୍ୟ ଦିନରେ ଜଗନ୍ନାଥ ମନ୍ଦିରରେ ରହିଥାନ୍ତି।ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା ପୂଜା କାର୍ଯ୍ୟ କରିଥିଲେ। ସୁଦାମ ପଣ୍ଡା ସହଯୋଗ କରିଥିଲେ। ବାଲି ଯାତ୍ରା ପରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ।

# ଏନ୍‌ଏସ୍‌ଏସ୍ ଦିବସ ପାଳିତ

ରାୟଗଡ଼ା ଅଫିସ,୨୪।୯

ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପକ୍ଷରୁ ଏକ ପୋଷଣ ଅଭିଯାନ ସମ୍ପର୍କରେ ଏକ ଆଲୋଚନା ଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏନ୍‌ଏସ୍‌ଏସ୍ ଦିବସ ପାଳନ ଉପଲକ୍ଷେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାଣୀ ବିଜ୍ଞାନ ବିଭାଗ ପ୍ରଧାପକ ଡ଼.ରାମକୃଷ୍ଣ ପଣ୍ଡିତ ଏବଂ ମହିଳା ମହାବିଦ୍ୟାଳୟ ଗୃହ ବିଜ୍ଞାନ ଅଧ୍ୟାପିକା ଡ. ସରୀତା ମିଶ୍ର ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ। ଭିଟାମିନ ଯୁକ୍ତ ଖାଦ୍ୟ ଖାଇଲେ ଉତ୍ତମ ଶରୀର ଗଠନ ସମ୍ଭବ ବୋଲି ଅତିଥିମାନେ କହିଥିଲେ। ଏଥିରେ ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ଶେଷରେ ଏନ୍‌ଏସ୍‌ଏସ୍ ଅଫିସର ଅଶୋକ କୁମାର ସାହ, ଡ.ଆଶିଷ କୁମାର ସାହୁ ଏବଂ ଲିଜାରାଣୀ ଶତପଥୀଙ୍କ ନେତୃତ୍ୱରେ କଲେଜର ସ୍ୱେଚ୍ଛାସେବୀମାନଙ୍କୁ ନେଇ ପୋଷଣ ଅଭିଯାନ ଉପଲକ୍ଷେ ସଚେତନ ଶୋଭାଯାତ୍ରାରେ ଯାଇଥିଲେ। ଶୋଭାଯାତ୍ରାଟି ତୁମ୍ବିଗୁଡ଼ା ଓ ଚେକାଗୁଡ଼ା ଯାଇ କଲେଜକୁ ଫେରିଥିଲା।

# ଛାତ୍ରୀଛାତ୍ରଙ୍କୁ ବୌଦ୍ଧିକ ବିକାଶ ତାଲିମ

ନବରଙ୍ଗପୁର,୨୪।୯(ବି.ପ୍ର.)

ନବରଙ୍ଗପୁର ଗାନ୍ଧୀ ଛକ ନିକଟରେ କଳାକେନ୍ଦ୍ର ପରିସରରେ ସ୍ୱତନ୍ତ୍ର ଅଲମ୍ପିକ୍ସ ୟୁଥ ଆଥଲେଟିକ୍ସ ଏବଂ ଗୋଷ୍ଠୀ ଗତ ପ୍ରଶିକ୍ଷଣ ମାଧ୍ୟମରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଆଶା କିରଣ ଅନୁଷ୍ଠାନର ୨୦ ଦିବ୍ୟାଙ୍ଗ ଛାତ୍ର, ଅଙ୍ଗନୱାଡି ପ୍ରାକ ବିଦ୍ୟାଳୟ ଛାତ୍ରୀଛାତ୍ର ଭାଗ ନେଇଥିଲେ । ପିଲାମାନଙ୍କୁ ଡିଆଁ, ଗୋଡ ହାତ ସଞ୍ଚାଳନ, ବକ୍ସିଂ ଆଦି ପ୍ରଶିକ୍ଷଣ ଦିଆଯାଇଥିଲା। ଶିକ୍ଷକ ମାନଙ୍କୁ ମଧ ତାଲିମ ଦେଇଥିଲେ। ଭୁବନେଶ୍ୱରର ପ୍ରଶିକ୍ଷକ କାଳିନ୍ଦୀ ଚରଣ ଭୋଇ ଛାତ୍ରୀଛାତ୍ର, ଶିକ୍ଷକ ମାନଙ୍କୁ ତାଲିମ ଦେଇଥିଲେ । ଆଶା କିରଣର ଅଧକ୍ଷ ଜଗନ୍ନାଥ ବେହେରା ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ପିଲାମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପ୍ରତି ଏହି ଶିବିରରେ ଗୁରୁତ୍ୱ ଦିଆଯାଇଥିଲା । ସ୍ପେସିଆଲ ଅଲମ୍ପିକ୍ସ ଭାରତ(ଓଡିଶା) ଏବଂ ଭୁବନେଶ୍ୱର କେ. ଆଇ.ଇ.ଏ ସହଯୋଗରେ କଳାନିକେତନ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିଳ୍ପୀ ସମବାୟ ସମିତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ପିଲାମାନଙ୍କୁ ବିଭିନ୍ନ ଖେଳ ପ୍ରଶିକ୍ଷଣ ଦିଆଯାଉଛି ।

### ବ୍ୟକ୍ତିତ୍ୱ ବିକାଶ ଶିବିର

ଗୁଣପୁର,୨୩।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ବ୍ୟକ୍ତିତ୍ୱ ବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ଭାତୃତ୍ୱ ଦିବସ ଉପଲକ୍ଷେ ବିବେକାନନ୍ଦ କନ୍ୟା କୁମାରୀ ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣପୁରରେ ଥିବା ୪ଟି କଲେଜର ଛାତ୍ରୀଛାତ୍ର ଜାଗ୍ରତ ପ୍ରଶ୍ନୋତ୍ତୋର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଦକ୍ଷିଣ ଓଡିଶା ବିଭାଗ ସଂଗଠକ ନିଳାକ୍ଷୀ ଭଉଣୀ ଓ ଓଡିଶା ପ୍ରାନ୍ତ ସଂଗଠକ ରବି ନାଇଡୁ ଯୋଗଦେଇ ରାଷ୍ଟ୍ର ଗଠନରେ ଯୁବକମାନଙ୍କ ଭୂମିକା ଓ ନିଜର ବ୍ୟକ୍ତିତ୍ୱ ଗଠନ କରି ରାଷ୍ଟ୍ର ନିର୍ମାଣରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ । ନଗର ପ୍ରମୁଖ ପ୍ରତିଭା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ରର ଅନ୍ୟ କର୍ମକର୍ତ୍ତା ଜଗନ୍ନାଥ ପଟ୍ଟନାୟକ, ରାଜେଶ ପୃଷ୍ଟି, ପ୍ରବିଣ କୁମାର କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ । ବିଶିଷ୍ଟ କୃଷିବିତ୍ କୃଷ୍ଣପ୍ରସାଦ ବେବର୍ତ୍ତା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ।

■ ହତ୍ୟାକାଣ୍ଡକୁ ବିତିଲାଣି ୨ମାସ, ପୋଲିସ ହାତ ଖାଲି

# ତଦନ୍ତ ଦାବିକଲେ ପରିବାର ଲୋକେ

ରାୟଗଡ଼ା ଅଫିସ,୨୪।୯

କାଶୀପୁର ବ୍ଲକ ଆଳିଗୁଡ଼ା ଗାଁର ସୁବାସ ସିଂ ମାଝିଙ୍କୁ ଜୁଲାଇ ୧୮ରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଘଟଣାକୁ ଏହା ମଧରେ ୨ମାରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ହତ୍ୟାକାରୀ ଏବେ ସୁଦ୍ଧା ଦରାପଡି ନହାନ୍ତି। ଏହି ହତ୍ୟା ଘଟଣାର ତଦନ୍ତ କରିବାକୁ ମଙ୍ଗଳବାର ତାଙ୍କ ପରିବାର ଲୋକେ ଦାବି କରିଛନ୍ତି। ସୁବାସଙ୍କ ସ୍ତ୍ରୀ ଲାଚିମ ଭାରତୀୟ ସର୍ବ ସହାୟକ ଶିକ୍ଷିତ ଯୁବକ ସଂଘ ସଦସ୍ୟଙ୍କ ସହ ଆସି ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଘଟଣାର ତୁରନ୍ତ ତଦନ୍ତ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶଯେ, ଜୁଲାଇ ୧୮ ଗୁରୁବାର ସୁବାସ ସିଂ ମାଝି (୩୫) ଓ ସ୍ତ୍ରୀ ଲାଚିମା ବଜାରକୁ ସଉଦା ପାଇଁ ଯାଇଥିଲେ। ସୁଙ୍ଗେର ହାଇସ୍କୁଲ ହଷ୍ଟେଲରେ ରହୁଥିବା ଝିଅଙ୍କୁ ଭେଟିବାକୁ ସୁବାସ ସେଠାରୁ ଯାଇଥିଲେ। କିନ୍ତୁ ଏହାପରେ ସେ ଆଉ ଘରକୁ ଫେରି ନ ଥିଲେ। ପରଦିନ ସନ୍ଧ୍ୟାରେ ହାଟପଦା ନଦୀରେ ସ୍ୱାମୀଙ୍କ ମୃତଦେହ ମିଳିବା ପରେ ଏ ନେଇ କାଶୀପୁର ଥାନାରେ ଲଚମା ଏତଲା ଦେଇଥିଲେ। ଘଟଣାର ୨ମାସ ପରେ ମଧ କିଛି ସୁଫଳ ମିଳିନି। ସାକ୍ଷୀ ନ ଆଣିଲେ ତଦନ୍ତ କରିହେବ ନାହିଁ ବୋଲି କଶୀପୁର ପୋଲିସ କହିଥିବା ଲଚମା ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତୁରନ୍ତ ସ୍ୱାମୀଙ୍କ ହତ୍ୟାକାରୀଙ୍କୁ ଧରିବାକୁ ଏସ୍‌ପିଙ୍କୁ ସେ ଦାବି କରିଛନ୍ତି।



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ମୃତକଙ୍କ ସ୍ତ୍ରୀ ଏବଂ ଅନ୍ୟମାନେ ।

